ଏକଦିବସୀୟ ଆନ୍ତର୍ଜାତୀୟ ସମ୍ମାନ

## "ଭାରତୀୟ ଜ୍ଞାନଶୃଙ୍ଖଳା: ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ"

୦୮ ମାର୍ଚ୍ଚ ୨୦୨୬

# ସମ୍ମାନଲିପି



ପୃଷ୍ଠପୋଷକତା

ISBN 978-93-5908-447-3

# ସମ୍ମାନଲିପି

## ଏକଦିବସୀୟ ଆନ୍ତର୍ଜାତୀୟ ସମ୍ମାନ

## "ଭାରତୀୟ ପାରମ୍ପରିକ ଜ୍ଞାନ ଶୃଙ୍ଖଳା :
## ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ"


ସମ୍ପାଦନା

ଡକ୍ଟର ନଟବର ଶତପଥୀ

ଡକ୍ଟର ଧରଣୀଧର ନାଥ

ଶ୍ରୀଯୁକ୍ତ ନିହାର ରଞ୍ଜନ ଶତପଥୀ

ଡକ୍ଟର ଅଜୟ କୁମାର ମିଶ୍ର

**ସମ୍ପାନଲିପି**

**ସମ୍ପାଦନା:**
**ଡକ୍ଟର ନଟବର ଶତପଥୀ**
ମୋ: ୯୯୩୭୧୬୮୬୬୦
**ଡକ୍ଟର ଧରଣୀଧର ନାଥ**
ମୋ: ୯୯୩୭୨୨୨୦୨୨
**ଶ୍ରୀଯୁକ୍ତ ନିହାର ରଞ୍ଜନ ଶତପଥୀ**
ମୋ: ୯୯୩୫୪୮୬୮୦୪
**ଡକ୍ଟର ଅଜୟ କୁମାର ମିଶ୍ର**
ମୋ-୯୪୩୭୯୨୦୪୯୬

**ସ୍ୱତ୍ୱଲିପି**
ସମ୍ପାଦକଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ

**ପ୍ରକାଶକ**
**ଧାରା ଶ୍ରୀରାଧା ଟ୍ରଷ୍ଟ,**
ଏମ୍ -୦୩/୪୯, ମାରୁତି ବିହାର
ଭୁବନେଶ୍ୱର - ୭୫୧୦୨୪
ମୋ: ୯୮୬୧୨୩୯୯୮୪

**ମିଶ୍ରଶାଳ**
ମଧୁପାଟଣା, କଟକ - ୭୫୩୦୧୦
ମୋ: ୯୪୩୭୯୨୦୪୯୬

**ମୁଦ୍ରଣ:**
**ମିଶ୍ରଶାଳ**
ମଧୁପାଟଣା, କଟକ - ୭୫୩୦୧୦
ମୋ: ୯୪୩୭୯୨୦୪୯୬

**Sampanlipi**

*Editing:*
**Dr. Natabar Satpathy**
Mob: 9937168660

**Dr. Dharanidhar Nath**
Mob: 9937222022

**Nihar Ranjan Satpathy**
Mob: 9935486804

**Dr. Ajaya Kumar Mishra**
Mob: 9437920496

© ***Editorial Board***

***Publisher:***
**Dhara Shree Radha Trust**
M. III/49, Maruti Vihar
P.S.- Nandanakanan
Bhubaneswar-751024
Mob: 9861239984

**Mishrashala**
Madhupatna , Cuttack-753010
Mob: 9437920496

***Printed by:***
**Mishrashala**
Madhupatna , Cuttack-753010
Mob: 9437920496

**ISBN**: **978-93-5908-447-03**

## ସମ୍ମାନଲିପି

**ଉପଦେଷ୍ଟା:**

**ଡକ୍ଟର ନଟବର ଶତପଥୀ**

ପ୍ରାକ୍ତନ ପ୍ରଫେସର ଓ ବିଶିଷ୍ଟ ଭାଷାବିତ୍

**ସମ୍ପାଦନା :**

**ଡକ୍ଟର ନଟବର ଶତପଥୀ**

**ଡକ୍ଟର ଧରଣୀଧର ନାଥ**

**ଶ୍ରୀଯୁକ୍ତ ନିହାର ରଞ୍ଜନ ଶତପଥୀ**

**ଡକ୍ଟର ଅଜୟ କୁମାର ମିଶ୍ର**

**ପ୍ରଚ୍ଛଦପଟ୍ଟ :**

ଅଂଶୁମାନ ନାଥ ଶର୍ମା

**ଲେଆଉଟ୍ ଡିଜାଇନିଂ :**

ସଂବିତ ମିଶ୍ର

**ସହଭାଗିତା :**

ଓଡ଼ିଶା ସାହିତ୍ୟ ଏକାଡେମୀ

**ପ୍ରକାଶକ :**

ଧାରା ଶ୍ରୀରାଧା ଟ୍ରଷ୍ଟ, ଏମ୍ -୦୩/୪୯, ମାରୁତି ବିହାର, ଭୁବନେଶ୍ୱର - ୭୫୧୦୨୪

ମିଶ୍ରଶାଳ, ମଧୁପାଟଣା, କଟକ - ୭୫୩୦୧୦

ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଭା.ପ୍ର.ସେ.,
ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍,
କଟକ

ଟେଲିଫୋନ୍ – ୦୬୭୧-୨୫୦୮୧୦୦(O)
/୨୩୦୧୦୦(R)
ଫ୍ୟାକ୍ସ – ୦୬୭୧ – ୨୩୦୧୧୦୩
E-mail: dm-ctc@nic.in

## ବାର୍ତ୍ତା

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମିଶ୍ରଶାଳର ମିଳିତ ଆନୁକୂଲ୍ୟରେ 'ଭାରତୀୟ ପାରମ୍ପରିକ ଜ୍ଞାନ ଶୃଙ୍ଖଳା: ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ' ଉପରେ ଏକଦିବସୀୟ ଆନ୍ତର୍ଜାତୀୟ ସମ୍ମାନ ଆୟୋଜିତ ହେଉଥିବା ଏବଂ ଏହି ଅବସରରେ 'ସମ୍ମାନ ଲିପି' ନାମକ ମୁଖପତ୍ର ପ୍ରକାଶିତ ହେଉଥିବା ଜାଣି ମୁଁ ଆନନ୍ଦିତ ।

ଆମ ଓଡ଼ିଶାର ସମୃଦ୍ଧ ଲୋକସଂସ୍କୃତି ଓ ପରମ୍ପରା ଆମର ଅମୂଲ୍ୟ ସମ୍ପଦ । ଗ୍ରାମୀଣ ଜୀବନଶୈଳୀ ସହ ଜଡିତ ଅନେକ ଉପକରଣ ଆଜି କ୍ରମେ ଲୁପ୍ତପ୍ରାୟ । ଏଭଳି ସମୟରେ ସେଗୁଡିକର ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ ଏଭଳି ଏକ ଗବେଷଣାମୂଳକ ଆନ୍ତର୍ଜାତୀୟ ମଂଚ ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ମୁଁ ଆୟୋଜକମାନଙ୍କର ଏହି ସାଧୁ ଉଦ୍ୟମକୁ ଅଭିନନ୍ଦନ ଜଣାଉଛି ଏବଂ ସମ୍ମାନର ସର୍ବସଫଳତା କାମନା କରୁଛି । ଏହା ନିଶ୍ଚିତ ଭାବେ ଓଡ଼ିଶାର ପାରମ୍ପରିକ ଜ୍ଞାନ ଓ ଲୋକଉପକରଣର ସୁରକ୍ଷା ଓ ପ୍ରଚାର ପ୍ରସାରକୁ ନୂତନ ମାର୍ଗଦର୍ଶନ କରିବ ।

(ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ)

Prof (Col) Aditya Parida, PhD (Sweden), Veteran
Prof (Retd) Luleå University of Technology,
97753, Lulea, Sweden

**MESSAGE**

It is heartening to learn that a one day Seminar on ' Lost/about to lost folk usagetools' are being organized by Mishrashala on 08 March 2026, at Ravenshaw University, Cuttack. Mishrashala under it' s creator Dr Ajaya Kumar Mishra, is continuously striving to search, record, recreate and document the 'Lost/about to lost folk usage tools of Odisha'. His personal commitment and dedication in preserving odia culture and history is very praise worthy and unparalleled. I had the opportunity to visit Mishrashala and I am thoroughly impressed with the amount of presrvation work work undertaken.
I am sure that this Seminar will create a lasting impression and motivate others.
I wish this Seminar a grand success!!



Aditya Parida
27 Feb 2026

Luleå, Sweden

**SIKSHA 'O' ANUSANDHAN**
(A Deemed to be University declared u/s 3 of UGC Act, 1956)
Re-Accredited by NAAC with 'A' Grade

Date : 28.02.2026

**Prof. D. Acharya**
Chairman, International Advisory Board,
SOA University.
Former Director, IIT Khargapur
Former Chairman, AICTE
Founding Vice Chancellor, BPUT

## MESSAGE

**Dr. Ajaya Kumar Mishra**, an academician and a prolific writer has created the first of its kind a mobile museum, "**Mishrasala**", in Odisha. His unique museum has 175 either lost or about to be lost societal tools nicely crafted by him using naturally available organic materials. He has worked hard with no external support utilizing his hard earned pension money with the soul objective of bringing his museum to the younger generation for their knowledge and appreciation.

He brought his museum to number of schools, colleges and Universities. One and all who had the opportunity to see have appreciated his unique endeavor. Besides this, he has authored 72 books and guided 6 Ph.Ds.

We must all see his museum and read his books to appreciate what one can do solely even after retirement from active service.

I am happy to learn that for the academic advancement of "Mishrasala", an international Conference, on **"Indian Knowledge System : Either Lost or Being Lost Societal Tools of Odisha"** is being organized on March 08, 2026 at Ravenshaw University where many academicians and intellectuals from Odisha, from India and other countries are participating.

I wish the International Conference a great success.

D Acharya

**(Prof. D. Acharya)**

Khandagiri Square, Bhubaneswar - 751 030, Odisha , India
Phone : 0674 - 2350635, 2350791, Fax : 0674 - 2350642, 2351842
www.soa.ac.in

NHS
Black Country Healthcare
NHS Foundation Trust

**Nilamadhab Kar, MD, DPM, DNB, FRCPsych**
Consultant Psychiatrist and College Tutor
Honorary Professor of Psychiatry,
University of Wolverhampton, UK
Honorary Professor, Sri Sri University, India

It's a pleasure to know about such a unique venture to rediscover, study and share the knowledge about the instruments used in Odisha by Dr Ajaya Kumar Mishra. Collections at the 'Mishrashala' have grown steadily over the years, preserving the instruments and their replica. Exploring the use of these instruments provide interesting insight to the socioeconomic and cultural development in Odisha and nearby areas. It also depicts the process of growth of human potential in many spheres of life in this part of the world. I hope the initiative receives international attention it deserves.

My best wishes,

Nilamadhab Kar
28/02/2026
Wolverhampton, UK

Phone (0674) 2431840

ଓଡ଼ିଶା ସାହିତ୍ୟ ଏକାଡେମୀ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧ ୦୧୪
ଦୂରଭାଷ-(୦୬୭୪) ୨୪୩୧୮୪୦

**ODISHA SAHITYA AKADEMI**
**(A State Academy of Letters)**
**Odia Language, Literature & Culture Deptt., Govt. of Odisha**
**SANSKRUTI BHAVAN: BHUBANESWAR - 751014**

website:odishasahityaakademi.org , E-mail: odishasahityaakademi@gmail.com

ପତ୍ର ସଂଖ୍ୟା. ୧୩୮ /ଓ.ସା.ଏ., ଭୁବନେଶ୍ୱର, ତା. ୨୦/୨/୨୦୨୬

## ବାର୍ତ୍ତା

ଲୁପ୍ତପ୍ରାୟ ଲୋକସଂସ୍କୃତିର ବାର୍ତ୍ତାବହ 'ମିଶ୍ରଶାଳ' ଦ୍ୱାରା ଆୟୋଜିତ 'ଭାରତୀୟ ଜ୍ଞାନ ଶୃଙ୍ଖଳା: ଓଡ଼ିଶାର ଲୁପ୍ତପ୍ରାୟ ଲୋକୋପକରଣ' ଶୀର୍ଷକ ଏକ ଦିବସୀୟ ଆନ୍ତର୍ଜାତୀୟ ସଂପାନ ଆନୁକୂଲ୍ୟରେ ଓଡ଼ିଶା, ଭାରତବର୍ଷ ଓ ବିଦେଶୀ ବିଦ୍ୱାନମାନଙ୍କ ଗବେଷଣାତ୍ମକ ନିବନ୍ଧ ସାରାଂଶ ନେଇ 'ସଂପାନ ଲିପି' ପ୍ରକାଶ ହେଉଥିବା ଜାଣି ବିଶେଷ ଆନନ୍ଦିତ। ଆଶା ଏଇ ଅଭିନବ ପ୍ରୟାସ ସାକାର ହେବା ସହିତ ଏହାର ପ୍ରସାରଣ ବ୍ୟାପ୍ତ ହେବ। ସଂପାନ ଓ ସଂପାନ ଆୟୋଜକ ଡକ୍ଟର ଅଜୟ କୁମାର ମିଶ୍ରଙ୍କ ଏଇ ନବ୍ୟ କାର୍ଯ୍ୟକ୍ରମର ଉତ୍ତରୋତ୍ତରର ଉନ୍ନତି କାମନା କରୁଅଛି।

ଓଡ଼ିଶା ସାହିତ୍ୟ ଏକାଡେମୀ ଏହା ସହିତ ସଂଶ୍ଳିଷ୍ଟ ହୋଇଥିବାରୁ ମୁଁ ବିଶେଷ ଆନନ୍ଦିତ। ଲୋକସଂସ୍କୃତି ଓ ହଜିଯାଉଥିବା ପ୍ରସଙ୍ଗକୁ ନେଇ ଏ ମହାର୍ଘ ଆୟୋଜନ ସଦା ପ୍ରଶଂସନୀୟ।

ଭୁବନେଶ୍ୱର
୨୦ ଫେବୃଆରୀ ୨୦୨୬

ଡକ୍ଟର ଚନ୍ଦ୍ରଶେଖର ହୋତା
ସଚିବ
ଓଡ଼ିଶା ସାହିତ୍ୟ ଏକାଡେମୀ

COLLECTORATE, CUTTACK
(Culture Section)
Chandini Chowk, Cuttack,
Odisha-753002
Email: dm-cuttack@nic.in,
dco.ctc@gmail.com
Phone: 0671-2508100

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ
(ସଂସ୍କୃତି ଉପବିଭାଗ)
ଚାନ୍ଦିନି ଚୌକ, କଟକ,
ଓଡ଼ିଶା-୭୫୩୦୦୨
ଇମେଲ: dm-cuttack@nic.in
dco.ctc@gmail.com
ଫୋନ୍ : ୦୬୭୧-୨୫୦୮୧୦୦

ନଳିନୀକାନ୍ତ ସାହୁ
ଜିଲ୍ଲା ସଂସ୍କୃତି ଅଧିକାରୀ, କଟକ

## ବାର୍ତ୍ତା

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମିଶ୍ରଶାଳଙ୍କ ଆନୁକୂଲ୍ୟରେ ତା ୦୮.୦୩.୨୦୨୬ ରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ସ୍ଥିତ "ସେଭେନ ପିଲର୍ସ ଅଫ ୱିସଡମରେ ଏକଦିବସୀୟ ଅନ୍ତର୍ଜାତୀୟ ସେମିନାର ଆୟୋଜିତ ହେଉଥିବାଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ।

"ଭାରତୀୟ ପାରମ୍ପରିକ ଜ୍ଞାନ ଶୃଙ୍ଖଳା ଓଡ଼ିଶାର ଲୁପ୍ତ ପ୍ରାୟ ଲୋକ ଉପକରଣ" ଭଳି ଗୁରୁତ୍ୱପୂର୍ଣ୍ଣ ଓ ସମୟୋପଯୋଗୀ ବିଷୟରେ ଆୟୋଜିତ ଏହି ସେମିନାର ନିଶ୍ଚୟ ଭାବେ ଗବେଷକ, ଶିକ୍ଷାବିଦ୍ ଓ ସଂସ୍କୃତିପ୍ରେମୀମାନଙ୍କ ପାଇଁ ଏକ ଉପାଦେୟ ଆଲୋଚନାର ମଞ୍ଚ ।

ଆମ ରାଜ୍ୟର ପାରମ୍ପରିକ ଜ୍ଞାନ ପ୍ରଣାଳୀ ଓ ଲୋକ ଉପକରଣଗୁଡ଼ିକ ଆମ ସାଂସ୍କୃତିକ ଐତିହ୍ୟର ଅମୂଲ୍ୟ ସଂପଦ । ସେଗୁଡ଼ିକର ସନ୍ଧାନ, ଲିପିକରଣ ଓ ସଂରକ୍ଷଣ ଆଜିର ପରିପ୍ରେକ୍ଷୀରେ ଅତ୍ୟନ୍ତ ଆବଶ୍ୟକ ।

ଏପରି ଉଦ୍ୟମ ମାଧ୍ୟମରେ ଆମ ଐତିହ୍ୟ ପ୍ରତି ସଚେତନତା ବୃଦ୍ଧି ପାଇବା ସହ ନବପିଢ଼ି ଅନୁପ୍ରେରିତ ହେବେ ବୋଲି ମୋର ଆଶା। ଏହି ସେମିନାରର ସଫଳ ଆୟୋଜନ ପାଇଁ ମୁଖ୍ୟ ଆୟୋଜକ ଡକ୍ଟର ମିଶ୍ର ଓ ଅନ୍ୟମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଶୁଭେଚ୍ଛାସହ,

ଶ୍ରୀଯୁକ୍ତ ନଳିନୀକାନ୍ତ ସାହୁ
ଜିଲ୍ଲା ସଂସ୍କୃତି ଅଧିକାରୀ,
କଟକ

# ଶୁଭେଚ୍ଛା ବାର୍ତ୍ତା

ମିଶ୍ରଶାଳ ଏବଂ ଓଡିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ୦୮-ମାର୍ଚ୍ଚ, ୨୦୨୬ରେ ଏକଦିବସୀୟ ଆନ୍ତର୍ଜାତୀୟ କର୍ମଶାଳା "ଭାରତୀୟ ଜ୍ଞାନଶୃଙ୍ଖଳା : ଓଡିଶାର ଲୁପ୍ତପ୍ରାୟ ଲୋକୋପକରଣ' ଅନୁଷ୍ଠିତ ହେବାକୁ ଯାଉଛି । ମିଶ୍ରଶାଳର ପ୍ରତିଷ୍ଠାତା ସଂପାଦକ ଡକ୍ଟର ଅଜୟ ମିଶ୍ରଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ରାଜ୍ୟ, ଦେଶ ଓ ବିଦେଶର ବିଦ୍ୱାନ୍ ଏଥିରେ ଯୋଡି ହେଉଛନ୍ତି । ଶାଳକାରଙ୍କ ଅତନ୍ଦ୍ର ନିଷ୍ଠାରୁ ଏହା ସମ୍ଭବ ହୋଇପାରିଛି ।  ଏହି କର୍ମଶାଳାରେ ଯୋଗ ଦେବାକୁ ଯାଉଥିବା ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ । କର୍ମଶାଳାର ସଫଳତା କାମନା କରୁଛି ।

**ଶ୍ରୀଯୁକ୍ତ ଶରତ କୁମାର ଦାଶ**
**ସଭାପତି, ମିଶ୍ରଶାଳ**

# ଶୁଭେଚ୍ଛା ବାର୍ତ୍ତା

କୌଣସି ଉପକରଣ ବିଜ୍ଞାନର ସୂକ୍ଷ୍ମ ବିଭବ, ଭାଷାର ସଙ୍କେତ ଓ ବ୍ୟବହାରର ପ୍ରତୀକ । ଏହିଦୃଷ୍ଟିରୁ ବ୍ୟବହାରର ପରିସୀମା ଓ ନୂଆ ଆବଶ୍ୟକତା ବଢ଼ିଲେ ଉପକରଣର ନୂଆନୂଆ ସମ୍ଭାବନା ସୃଷ୍ଟିହୁଏ । କୋଡିଆ ମାଦଳ ପାଇଁ ବି ଦରକାର ହୁଏ ଖଣ୍ଡେ ଚଟେଇ ବା ଛିଣ୍ଡା ମସିଣା କି ଚାଳରୁ ଝୁଲା ବାଉଁଶର ଗୋଟେ ଅଲଗୁଣି । ଏସବୁ ଜିନିଷ ହୁଏତ ଆମେ ବ୍ୟବହାର କରୁଥିବା ଦ୍ରବ୍ୟ ଭିତରେ ଗଣାହୋଇନପାରେ କିନ୍ତୁ ଉପକରଣକୁ ବୁଝିବାକୁ ହେଲେ ଆମେ ଏପରି ସର୍ବାତି କ୍ଷୁଦ୍ର ବସ୍ତୁଟିଏକୁ ବି ଗଣିବାକୁ ପଛ କରୁନାହୁଁ । ତାତ୍ପର୍ଯ୍ୟ ହେଉଛି ବ୍ୟବହାରର ସୀମା ବଢ଼ିଲେ, କାଳଅକାଳରେ ସେ ଦ୍ରବ୍ୟଗୁଡ଼ିକ ପ୍ରତି ଅମାର ଚାହିଦା ପ୍ରକାରାନ୍ତରେ ଲୋଭ ବଢ଼େ ।

ପ୍ରତ୍ୟେକ ବସ୍ତୁର ଥାଏ ସଂସ୍କୃତି । ସଂସ୍କୃତି ଏଇ ଅର୍ଥରେ ଖୁବ ସୂକ୍ଷ୍ମ । ସଂସ୍କୃତି ହିଁ ମୂଳ । ଏଥିରୁ ଭାଷାର ଜନ୍ମ ଓ ବିକାଶ । ଭାବଟି ଭାଷାକୁ ରୂପ ଦିଏ । ଏଇ ଭାବ ପାଇଁ ରୂପନିଏ ଗୋଟିଏ ଦ୍ରବ୍ୟ । ସେଦିନର ଅଣକର ରୂପାନ୍ତର ଡଙ୍କି କରଚୁଲି ହୋଇପାରେ କିନ୍ତୁ ଅଣକ ତିଆରି କରୁଥିବା ହାତ ଓ ତାର କଳାର ମହିମା ଡଙ୍କି ଭିତରେ ନାହିଁ । କାରଣ ଏଥିରେ ହାତ ନାହିଁ, ଅଛି ଯନ୍ତ୍ର । ଯନ୍ତ୍ର ମହିମା ଅନ୍ୟତ୍ର, ଘରର ବହୁ କରଣା ବସ୍ତୁରେ ଆଜି ଯନ୍ତ୍ରାକୃତି, କିନ୍ତୁ ଦିନ ଥିଲା ଏଥିପାଇଁ ଥିଲେ କାରିଗର ।

ଅଜି କାରିଗର ଥିଲେ ବି ଚାହିଦା ନାହିଁ । ଏଣୁ ଉପକରଣଗୁଡ଼ିକ ପଛରେ ଲୁଚିଥିବା ନିର୍ମାଣକଳାର ସୂକ୍ଷ୍ମତା ହଜିଯାଉଛି । କଳା ସର୍ବତ୍ର ସବୁକାଳରେ ଦ୍ରବ୍ୟ ଓ କଳ୍ପନାକୁ ମିଶାଇ ଗୋଟିଏ ଦ୍ରବ୍ୟର ସଂଭାବନା ଆଙ୍କିଥାଏ ।

ଆଜି ମିଶ୍ରଶାଳ ସେପରି ସମ୍ଭାବନାର ପଥ ପ୍ରଶସ୍ତ କରି ଆମର ସାମର୍ଥ୍ୟକୁ ଲୋକୋଲୋଚନକୁ ଆଣିଛି । ସର୍ଜନର ସମ୍ଭାବନାକୁ ବହୁ କ୍ଷିପ୍ର ଓ ପ୍ରଶସ୍ତ କରିଛି । ନୂଆ ପ୍ରତିଭା ତିଆରିର ସୁଯୋଗ ଦେଇଛି । ଏହାବ୍ୟତୀତ, ହଜିଯାଇଥିବା  ବସ୍ତୁ ସଂକେତରୁ ଭାଷାର କୌଳିନ୍ୟ ରକ୍ଷା କରିଛି । ଆର ସବୁଯାଉ, ସୁରକ୍ଷିତ ରହୁ ସର୍ଜନକଳା, କାରଣ ତା ଭିତରେ ଲୁଚିଛି ଆମର ଭାଷା ।

**(ଡ. ନଟବର ଶତପଥୀ)**
**ସଂପାନ ନିର୍ଦ୍ଦେଶକ**

# ସମ୍ପାନ- ଆଭିମୁଖ୍ୟ

ଆଦିମ ଜୀବନରୁ ମଣିଷ ଅନେକ ଜିନିଷ ହରାଇ ହରାଇ ଚାଲିଛି । ଯାହା ହଜିଛି, ତାହା ଲୁପ୍ତପ୍ରାୟ । ସଭ୍ୟତା ଗଢ଼ାହେବା ପୂର୍ବରୁ ପ୍ରଥମେ ଆସୁଛି ଉପକରଣ । ତେଣୁ ଉପକରଣ ସଭ୍ୟତା ଗଢ଼ଣର ଆଦି ଉପକରଣ । ପ୍ରତି ଉପକରଣର ମୂଳ ଉପକରଣ ହେଉଛି ପ୍ରକୃତି । ମାଟି, ପାଣି, ପଥର, ଗଛଲତା, ପ୍ରକୃତିଦତ୍ତ । ଏସବୁକୁ ନିଜର ଆବଶ୍ୟକତା ମାଫିକ ଉପଯୋଗ କରି ମଣିଷ ଗଢ଼ିଆସିଛି ଅନେକ ପ୍ରକାରର ଉପକରଣ । ସମୟ ବିଶେଷରେ ଗଢ଼ଣ ବଦଳିଛି, ପୁଣି ନୂଆ ନୂଆ ଉପକରଣ ଗଢ଼ାଯାଇଛି । ପ୍ରତି ସମୟରେ ପୁରୁଣା ଉପକରଣ କ୍ରମେ ଲୋପ ପାଇଛି ଓ ଅଦୃଶ୍ୟ ବି ହୋଇଛି । ସଭ୍ୟତା ଗଢଣରେ ଲୁପ୍ତ ହେଉଥିବା ଉପକରଣଗୁଡିକ ସଭ୍ୟତା ସହିତ ଯୋଡି ହୋଇଛି, ସଂସ୍କୃତି ନିର୍ମାଣରେ ପ୍ରମୁଖ ଭୂମିକା ନିର୍ବାହ କରିଆସିଛି । ସୁତରାଂ ପ୍ରତି ଜାତିର ସଭ୍ୟତା ଓ ସଂସ୍କୃତି ଗଠନରେ ଲୋକଉପକରଣ ହେଉଛି ପ୍ରଥମ ଉତ୍ସ । ଲୋକଗଢଣ, ଲୋକଜୀବନ ସହିତ ଓତପ୍ରୋତ ଭାବେ ଜଡିତ । ଆଜିର ଦିନରେ ବି କେତେକ ଲୋକଉପକରଣର ବ୍ୟବହାର ଅତୁଟ ରହିଛି । ଅତଏବ ଜୀବନଧାରା ସହିତ ଏସବୁ ଉପକରଣର ଆକାର, ପ୍ରକାର ଓ କାର୍ଯ୍ୟକାରିତା ସମ୍ପର୍କରେ ଜାଣିବା ଓ ଜଣାଇବା ଆମ ସମ୍ପାନର ମୁଖ୍ୟ ଉଦ୍ଦେଶ୍ୟ । ଫଳରେ ସଭ୍ୟତାର ଆଦି ଉତ୍ସ ଉପକରଣଗୁଡିକର ବିବିଧ ଦିଗ ଏଇ ସମ୍ପାନରେ ଆଲୋକିତ ହେବ । ମୁଖ୍ୟ ସମ୍ପାନ ଅଧୀନରେ ନିମ୍ନୋକ୍ତ ଉପପ୍ରସଙ୍ଗମାନ ରଖାଯାଇଛି ।

- ✓ ପରମ୍ପରିକ ଜ୍ଞାନ ବିଜ୍ଞାନରେ ଲୋକଉପକରଣର ଉପଯୋଗ ସମ୍ପର୍କିତ ବିମର୍ଶ
- ✓ ପାରମ୍ପରିକ ଲୋକଉପକରଣର ଆକାର ଓ ପ୍ରକାର ସମ୍ବନ୍ଧରେ ଧାରଣା ପ୍ରଦାନ
- ✓ ମୌଳିକ ଆବଶ୍ୟକତା ଖାଦ୍ୟ, ବସ୍ତ୍ର ଓ ବାସସ୍ଥାନ ସହିତ ସମ୍ପୃକ୍ତ ଲୋକଉପକରଣର ସମ୍ପର୍କୀୟ ଚର୍ଚ୍ଚା
- ✓ ଆମ ସଭ୍ୟତା ବିକାଶରେ ଲୋକଉପକରଣ ଭୂମିକା ସମ୍ପର୍କରେ ଆଲୋଚନା
- ✓ ଆମ ସାଂସ୍କୃତିକ ଓ ସାମାଜିକ ପ୍ରେକ୍ଷାପଟ୍ଟରେ ଲୋକଉପକରଣଗୁଡିକର ଭୂମିକାର ଚର୍ଚ୍ଚା
- ✓ ନୂତନ ପିଢିଙ୍କୁ ଏସମ୍ପର୍କରେ ଅବଗତି ଓ ସଚେତନତା ପ୍ରଦାନ

## ସମ୍ମାନଲିପି

**ମୁଖ୍ୟ ପ୍ରସଙ୍ଗ :**

# "ଭାରତୀୟ ପାରମ୍ପରିକ ଜ୍ଞାନ ଶୃଙ୍ଖଳା : ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ'

**ଉପପ୍ରସଙ୍ଗ :**

- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ବିଭାବ ଓ ବିଭାବନା
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ସାମାଜିକଦିଗ ବିଚାର
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ସମାଜତାତ୍ତ୍ୱିକ ବିଚାର
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ପୁରୋଦୃଷ୍ଟି ଚର୍ଚ୍ଚା
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଆର୍ଥନୀତିକ ଆକଳନ
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ସାହିତ୍ୟିକଦିଗ ଆଲୋଚନା
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଭାଷାଗତ ବିଶ୍ଳେଷଣ
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଧର୍ମତାତ୍ତ୍ୱିକ ବିବେଚନା
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : କ୍ରୀଡ଼ାଭିତ୍ତିକ ଆଲୋଚନା
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ସମରକଳାଭିତ୍ତିକ ଚର୍ଚ୍ଚା
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ବୃତ୍ତିଗତ ଜୀବନଚଳଣି ବିଚାର
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଲୋକସଙ୍ଗୀତ ଭିତ୍ତିକ ଆଲୋଚନା
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଭୌତିକ ଲୋକସଂସ୍କୃତି
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଲୋକବାଦ୍ୟ ବିଚାର
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଲୋକକ୍ରୀଡ଼ା ବିମର୍ଶ
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଲୋକକାରିଗରୀ ବିବେଚନା
- ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଲୋକ ଚିକିତ୍ସା ବିଚାର

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମିଶ୍ରଶାଳର ମିଳିତ ଆନୁକୂଲ୍ୟରେ

# ଏକଦିବସୀୟ ଆନ୍ତର୍ଜାତୀୟ ସମ୍ମାନ

## 'ଭାରତୀୟ ପାରମ୍ପରିକ ଜ୍ଞାନ ଶୃଙ୍ଖଳା : ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ'

### ସମ୍ମାନ କାର୍ଯ୍ୟସୂଚୀ

ଆନେକ୍ସ-୧, ସେଭେନ୍ ପିଲାରର୍ସ ଅଫ୍ ଵ୍ୱିଜଡମ୍, ରେଭେନ୍ସା ବିଶ୍ୱବିଦ୍ୟାଳୟ
୦୮/୦୩/୨୦୨୬ (ରବିବାର)

୦୮:୪୫ - ୦୯:୩୦ : **ପଞ୍ଜୀକରଣ**

୦୯:୪୫ - ୧୦:୩୦ : **କାର୍ଯ୍ୟକ୍ରମ ଶୁଭାରମ୍ଭ**
ଆନେକ୍ସ-୧, ସେଭେନ୍ ପିଲାରର୍ସ ଅଫ୍ ଵ୍ୱିଜଡମ

୧୦:୩୦ – ୦୧:୦୫ : **ସମାନ୍ତରାଳ ପର୍ଯ୍ୟାୟ ୦୧**
ସ୍ଥାନ- ଶିକ୍ଷା ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

୦୧:୦୫ - ୦୧:୪୫ : **ମଧ୍ୟାହ୍ନ ଭୋଜନ**

୦୧:୫୦ - ୦୩:୦୦ : **ସମାନ୍ତରାଳ ପର୍ଯ୍ୟାୟ ୦୨**
ସ୍ଥାନ- ଶିକ୍ଷା ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

୦୩:୦୦ - ୦୩:୪୫ : **ଉଦଯାପନୀ ଉତ୍ସବ**
ଆନେକ୍ସ-୧, ସେଭେନ୍ ପିଲାରର୍ସ ଅଫ୍ ଵ୍ୱିଜଡମ

୦୪:୦୦ - ୦୪:୪୫ : **ମିଶ୍ରଶାଳ ଲୋକୋପରଣର ପ୍ରଦର୍ଶନ**
ସ୍ଥାନ- ଶିକ୍ଷା ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

# ସାରାଂଶ

# ଲୁପ୍ତପ୍ରାୟ ଶସ୍ୟକୋଠି 'ଅମାର'ର ବ୍ୟାବହାରିକ ଓ ଶାବ୍ଦିକ ବିମର୍ଶ

**ଡ.ଗୋପାଳକୃଷ୍ଣ ଆଚାର୍ଯ୍ୟ**
**ଅଧ୍ୟକ୍ଷ, ରମାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର**

**ସାରାଂଶ:**

ଲୋକକଳା ଓ ଲୋକସଂସ୍କୃତି ପରି ଲୋକୋପକରଣର ମଧ୍ୟ ଅଦ୍ୟାବଧି ଚାହିଦା ଓ ଉପଯୋଗିତା ଉଲ୍ଲେଖନୀୟ। ଲୋକଜୀବନରେ ଜୀବିକାର୍ଜନ ସହିତ ଖାଦ୍ୟ, ପାନୀୟ ଓ ବାସଗୃହର ଆବଶ୍ୟକତା ଅପରିହାର୍ଯ୍ୟ। ଏହି କ୍ରମରେ ଖାଦ୍ୟଦ୍ରବ୍ୟର ବିନିଯୋଗ, ବିନିମୟ ଓ ସଂରକ୍ଷଣପଦ୍ଧତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶେଷକରି ଶସ୍ୟାଦି ପରିପକ୍ୱ ହେବା ପରେ କ୍ଷେତରୁ ସଂଗ୍ରହ କରାଯାଇ ତାତ୍କାଳିକ ପ୍ରୟୋଗାର୍ଥେ ତୁରନ୍ତ ବିନିଯୋଗ ହେବାପାଇଁ ରଖାଯାଇ ଅବଶିଷ୍ଟଶସ୍ୟକୁ ଗୃହସନ୍ନଧ ଶସ୍ୟାଗାରରେ ସୁରକ୍ଷିତ ସଂଚୟର ଯୋଜନା ଅତୀତରୁ ବଳବତ୍ତର ରହିଆସିଛି। ସେହିପରି ଶସ୍ୟ ସଂରକ୍ଷଣ ପାଇଁ ନିର୍ମିତ କୋଠି ବା ଅମାର ବା ମରେଇକୁ ମଧ୍ୟ ନାନାବୃତ୍ତିର ମଣିଷ ତିଆରି କରିଥାଆନ୍ତି। ଝାଟିମାଟି ଘରଟିକୁ ତାଳପଟାରେ ଆଡ଼ି ଦେଇ ମଜବୁତ କରାଯାଇଥାଏ। ପରେ ଗୋବରଲିପା ହୋଇ ଅମାରଟି ପ୍ରସ୍ତୁତ ହୁଏ। ଅମାର ମଧ୍ୟକୁ ପ୍ରବେଶ କରିବା ପାଇଁ କାଠର ଛୋଟ କବାଟ ଓ ତଳେ ଗୋଟିଏ ପାଦି ରହିଥାଏ। ଏହି ସଂରକ୍ଷଣଗୃହକୁ ସ୍ଥୂଳତଃ କୋଠି ନାମରେ ନାମିତ କରାଯାଇଥିଲେ ମଧ୍ୟ ଏହାର ବିଭିନ୍ନ ପ୍ରତିଶବ୍ଦ ରହିଛି। ଅମାର ଶବ୍ଦଟି ବୈଦେଶିକ ମୂଳ ପାର୍ଶୀଶବ୍ଦ 'ଅଁମ୍ବାର'ରୁ ଆସିଅଛି। ସଂସ୍କୃତରେ ଏହାର ଉତ୍ସ ହେଉଛି "ମରାର''। ଅତଏବ ଏହାକୁ "ଅମାର' ବା 'ମରେଇ' ବୋଲି ଓଡ଼ିଶାର ଅଧିକାଂଶ ଅଞ୍ଚଳରେ କହିଥାଆନ୍ତି। ଅମଳ ପରେ ଶସ୍ୟ ସଂରକ୍ଷଣ ପଦ୍ଧତି ସବୁଆଡେ ସମାନ ନୁହେଁ । ଖଣି, ଡୋଲି, ପୁଡ଼ା, ପୁଡୁଗ, ଓଳିଆ, କହିରି, ଘୁମ, ଅମାର ବା ମରେଇ ଆଦିରେ କୃଷିଜାତ ଦ୍ରବ୍ୟ ସାଇତିବାର ଦେଖାଯାଏ । ଅତୀତରେ ଅମାର ଥିବାଲୋକ ଥିଲା ଥିଲାବାଲା। ଅନ୍ୟମାନେ ଥିଲେ ନେଲାବାଲା। ଝିଅବାହାଘର ବେଳେ କନ୍ୟାପିତା ବରଘର ଧାନଖଳା, ଉଷୁନା ଓ ଅରୁଆ ମରେଇ ଦେଖି ପାତ୍ର ପ୍ରତି ଅନୁକୂଳରୁଚି ପୋଷଣ କରୁଥିଲା। ଏଣୁ ଖାନଦାନୀ କହିଲେ ଅମାରକୁ ବୁଝାଉଥିଲା ଓ ଏହା ମାଆ ଲକ୍ଷ୍ମୀଙ୍କର ନିବାସ ବୋଲି ସର୍ବସାଧାରଣରେ ମାନ୍ୟତା ପାଉଥିଲା। ସମୟଚକ୍ରରେ ଶୀତଳଭଣ୍ଡାର ଓ ଶସ୍ୟାଗାର ଆଦି ଏହାର ପ୍ରାଧାନ୍ୟକୁ ଅସ୍ୱୀକୃତ। ତଥାପି ଅମାର'ର ସାତ୍ତ୍ୱିକତା ଓ ଆତ୍ମିକ ପରିତୃପ୍ତି ଆଜିର ଏ ଯନ୍ତ୍ରମଣିଷ ପାଇଁ ନିଶ୍ଚୟ ଦିଗବାରେଣୀ ହୋଇ ରହିବ।

**ସୂଚକଶବ୍ଦ :** ଖଳା, କୁଟାବଦାଡ଼ି, ଦୋକାଟ, ଗୋଛା, ବାହୁଙ୍ଗୀ, ଅଗମଳିଆ, ଦାମୁଡ଼ି, ଦାଉଣି, ବେଙ୍ଗଳା, ଭୋଗେଇ, କୋଠି, ମରେଇ, ଡୋଲି, ପୁଡୁଗ, ଘୁମ, କହିରି, ଥିଲାବାଲା, ଲକ୍ଷ୍ମୀଙ୍କର ନିବାସ।

❖❖❖

# ଆମ ଦେଇପିଣ୍ଡି ଓ ଲୁପ୍ତପ୍ରାୟ ଲୋକଉପକରଣ

**ରାଜଲକ୍ଷ୍ମୀ ସାମଲ, ଗବେଷିକା, ଶୀତଳେଶ୍ୱର, ଯାଜପୁର**

**ସାରାଂଶ :**

ବଂଚିବା ପାଇଁ ଥିବା ତିନୋଟି ମୌଳିକ ଆବଶ୍ୟକତା ମଧ୍ୟରୁ ପ୍ରଥମ ଆବଶ୍ୟକତା ହେଉଛି ଖାଦ୍ୟ। ଏହି ଆବଶ୍ୟକତାକୁ ପୂର୍ଣ୍ଣ କରିବା ପାଇଁ ମଣିଷ ଦେଇପିଣ୍ଡି ଗଢ଼ିଛି। ଶରୀର ପାଂଚଟି କୋଷକୁ ନେଇ ଗଠିତ ଅନ୍ନମୟ କୋଷ ହେଉଛି ପ୍ରଧାନ। ଭାଗବତରେ କୁହାଯାଇଛି- 'ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବି କାହା ଘେନି'।

ମଣିଷ ଜୀବନର ଆଧାର ହେଉଛି ଅନ୍ନମୟ କୋଷ। ଅନ୍ନ ଦେଇପିଣ୍ଡିରେ ପାକ କରାଯାଏ। ଆମ ପାରଂପରିକ ପାକଶାଳାର ପ୍ରତିନିଧି ହେଉଛି ଦେଈପିଣ୍ଡି। ଘରର ଉତ୍ତରପୂର୍ବକୋଣ ବା ଅଗ୍ନିକୋଣରେ ଦେଇପିଣ୍ଡି ରହିଥାଏ।

ଗୋଟିଏ ତମ୍ବା କିମ୍ବା ମାଟିପାତ୍ରରେ ଅଷ୍ଟଧାତୁ, ପଂଚଶସ୍ୟ, ମହାପ୍ରସାଦ, ପଇସା ଓ କଉଡ଼ି ରଖି ତାକୁ ରୋଷେଇ ଘରର ଐଶାନ୍ୟକୋଣରେ ପୋତି, ତା ଉପରେ ଦେଇପିଣ୍ଡି ନିର୍ମିତ ହୁଏ। ଦେଇପିଣ୍ଡିରେ ରନ୍ଧାଚୁଲି, ପାଣିନଉତି, ପନିକି, ଚଟୁ, ପିଠାଖଡ଼ିକା, ହାଣ୍ଡି, ଫୁଙ୍କନଳ, ଚୁଲିଉଖୁରା, ଅଣକ, ଲୁଣକାଠୁଆ, ହଳଦୀକାଠୁଆ, ଚକି, କୁଲା, ଭଜାଭଜି ଖଡ଼ିକା, ଇତ୍ୟାଦି ରହିଥାଏ। ଓଡ଼ିଆ ଘରଣୀ ପ୍ରତିଦିନ ସକାଳେ ଶୁଦ୍ଧପୂତ ଭାବେ ସ୍ନାନ କରି ଦେଇପିଣ୍ଡିରେ ପ୍ରବେଶ କରି ଗତରାତିର ପାଉଁଶକୁ ଚୁଲିରୁ ବାହାର କରି ଦେଇପିଣ୍ଡିକୁ ଉତ୍ତମ ରୂପେ ଲିପାପୋଛା କରନ୍ତି। ଏଠାରେ ଦୀପ ପ୍ରଜ୍ୱଳନ କରି ବଡ଼ବଡୁଆଙ୍କୁ ପ୍ରଣାମ କରି ଘରଣୀମାନେ ରୋଷେଇ ଆରମ୍ଭ କରନ୍ତି। ଏଠାରେ ଓଡ଼ିଆଣୀ ନ' ତିଅଣ ଛ' ଭଜା କରିଥାଏ ଏବଂ ରନ୍ଧନ ପରେ ପ୍ରଥମଖାଦ୍ୟ ଚୁଲିରେ ସମପର୍ଣ କରିବା ପରେ ଖାଦ୍ୟକୁ ଦେଇପିଣ୍ଡିରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସମର୍ପଣ କରେ। ଆମ ଓଡ଼ିଆ ଘରର ଚଳଣିରେ ବିବାହାଦି ମାଙ୍ଗଳିକ କାର୍ଯ୍ୟ ଏବଂ ପିଣ୍ଡଶ୍ରାଦ୍ଧାଦି କାର୍ଯ୍ୟରେ ଦେଇପିଣ୍ଡିର ସ୍ୱତନ୍ତ୍ର ଭୂମିକା ରହିଛି। ଅତି ଅନ୍ତରଙ୍ଗ ନ ହେଲେ ଅନ୍ୟକାହାକୁ ଏହା ଭିତରେ ପ୍ରବେଶ କରାଯାଏ ନାହିଁ। ଛୁତିକିଆ ଓ ମୃତିକିଆ ହେଲେ ରନ୍ଧାଶାଳ ବାରଣ ଥାଏ।

ଆମ ସଂସ୍କୃତି ଓ ପରଂପରାକୁ ବଂଚାଇ ରଖିବା ଆମର କର୍ତ୍ତବ୍ୟ। ଦୈନନ୍ଦିନ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦାର୍ଥ ଖାଦ୍ୟ ସହିତ ବିଜଡିତ ଆମ ଦେଇପିଣ୍ଡି ପରଂପରା ସ୍ୱତନ୍ତ୍ର। ଦେଇପିଣ୍ଡି ଆମ ପରଂପରାର ଏକ ସ୍ୱତନ୍ତ୍ର ସାଂସ୍କୃତିକ ବ୍ୟବସ୍ଥା।

**ସୂଚକଶବ୍ଦ :** ଦେଈପିଣ୍ଡି, ତେଙ୍ଗେଡ଼ା, ମୁଚୁଳା, ଚୁଲି, ହାଣ୍ଡି, ପାଣି ନଉତି, ମାଠିଆ ପିଠାଖଡ଼ିକା।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ ଲୋକସଙ୍ଗୀତଭିତ୍ତିକ ଆଲୋଚନା

**ପ୍ରିୟଙ୍କା ମହାନ୍ତି, ଗବେଷିକା, ଉତ୍କଳ ବିଶ୍ୱବିଦ୍ୟାଳୟ**

**ସାରାଂଶ:**

ଲୋକସଙ୍ଗୀତ ଏକ ଦେଶ ବା ଅଂଚଳର ଲୋକଜୀବନ, ସଂସ୍କୃତି ଓ ପରଂପରାର ଜୀବନ୍ତ ପ୍ରତିବିମ୍ବ। ପିଢ଼ି ଠାରୁ ପିଢ଼ିକୁ ମୁଖେମୁଖେ ପ୍ରସାରିତ ହୋଇ ଆସୁଥିବା ଜନସାଧାରଣର ଅନୁଭବ ଓ ଭାବନାର ଅଭିବ୍ୟକ୍ତି। ଲୋକସଙ୍ଗୀତ ମାଧ୍ୟମରେ ଲୋକମାନେ ନିଜ ଜୀବନର ସୁଖ–ଦୁଃଖ, ଆଶା–ନିରାଶା, ପ୍ରେମ–ବିରହ, ସାମାଜିକ ରୀତିନୀତିକୁ ସହଜ ଓ ସ୍ୱାଭାବିକ ଭାବରେ ପ୍ରକାଶ କରନ୍ତି। ପ୍ରାଚୀନ କାଳରେ ଲିପି ବା ଲିଖନ ପ୍ରଣାଳୀ ବିକଶିତ ହୋଇ ନ ଥିବା ବେଳେ ଲୋକସଙ୍ଗୀତ ହିଁ ଥିଲା ଜ୍ଞାନ, ଐତିହ୍ୟ ଓ ସମାଜିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବାର ମାଧ୍ୟମ। ପର୍ବପର୍ବାଣି, ବିବାହ, ଜନ୍ମଦିନ, ଶ୍ରମ କାର୍ଯ୍ୟ, ପୂଜାପାର୍ବଣ ଇତ୍ୟାଦି ସମସ୍ତ ଅବସରରେ ଲୋକସଙ୍ଗୀତର ବ୍ୟବହାର ହୁଏ। ଆଲୋଚନାରେ ଓଡ଼ିଶାର ବିଭିନ୍ନ ଲୋକସଙ୍ଗୀତ ପରଂପରା ଯଥା ପାଲା, ଦାସକାଠିଆ, ଘୋଡ଼ାନାଚ, ସମ୍ବଲପୁରୀଗୀତ ଇତ୍ୟାଦିର ଉଲ୍ଲେଖ ମଧ୍ୟ ମିଳେ। ସଙ୍ଗୀତର ରୂପଗୁଡ଼ିକ କେବଳ ମନୋରଞ୍ଜନର ସାଧନ ନୁହେଁ, ବରଂ ସାମାଜିକ ସନ୍ଦେଶ, ନୈତିକ ଶିକ୍ଷା ଓ ଧାର୍ମିକ ଚେତନା ପ୍ରସାରର ମାଧ୍ୟମ ଭାବେ କାମ କରେ। ଆଧୁନିକ ଯୁଗରେ ଚଳଚ୍ଚିତ୍ରସଙ୍ଗୀତ ଓ ପଶ୍ଚିମୀସଙ୍ଗୀତର ପ୍ରଭାବ ହେତୁ ଲୋକସଙ୍ଗୀତ କିଛି ଅଂଶରେ ଅବହେଳିତ ହେଉଥିବା ଚିନ୍ତାଜନକ। ଅନେକ କଳାକାର, ଲୋକସଙ୍ଗୀତକୁ ନୂତନଶୈଳୀରେ ପ୍ରସ୍ତୁତକରି ଏହାକୁ ପୁନଃ ଲୋକପ୍ରିୟ କରୁଛନ୍ତି।

**ସୂଚକଶବ୍ଦ :** ପାଲା, ଦାସକାଠିଆ, ଘୋଡ଼ାନାଚ, ପୂଜାପାର୍ବଣ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଲୋକଉପକରଣର ଶୈକ୍ଷିକ ବିଚାର

ଡକ୍ଟର ସୁଜ୍ଞାନୀ କୁମାରୀ ସାହୁ
ସହକାରୀ ଅଧ୍ୟାପିକା, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ

**ସାରାଂଶ:**

ଓଡ଼ିଶାର ଲୋକ ଉପକରଣ ପାରଂପରିକ ଜୀବନ ପ୍ରଣାଳୀର ଅଂଗୀଭୂତ ଅଂଶ। ସ୍ଥାନୀୟ ପ୍ରାକୃତିକ ସଂପଦ ଉପରେ ଆଧାରିତ ଏହି ଉପକରଣମାନେ ମାନବ–ପ୍ରକୃତି ସମନ୍ୱୟର ଦର୍ଶନ ଦେଖାଇଥାନ୍ତି। କିନ୍ତୁ ଆଧୁନିକତା, ଔଦ୍ୟୋଗିକତା ଓ ବଜାର ଅର୍ଥନୀତିର ଓ ପରିବର୍ତ୍ତିତ ସାମାଜିକ ଓ ସାଂସ୍କୃତିକ ଚଳଣି ପ୍ରଭାବରେ ଏହି ଉପକରଣମାନେ ଶୀଘ୍ର ପରିବର୍ତ୍ତିତ ହେଉଛନ୍ତି। ଏହି ପ୍ରବନ୍ଧରେ ପାରଂପରିକ ଲୋକ ଉପକରଣରୁ ଆଧୁନିକ ଉପକରଣ ପର୍ଯ୍ୟନ୍ତ ହୋଇଥିବା ପରିବର୍ତ୍ତନ, ତାହାର ସାମାଜିକ–ସାଂସ୍କୃତିକ ପ୍ରଭାବ ଓ ସଂରକ୍ଷଣ ସମସ୍ୟାବଳୀର ଆଲୋଚନା କରାଯାଇଛି।

**ସୂଚକଶବ୍ଦ :** ଲୋକ ଉପକରଣ, ଆଧୁନିକତା, ପରିବର୍ତ୍ତନ, ସଂସ୍କୃତି, ଆହ୍ୱାନ

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଲୋକବାଦ୍ୟ

ଗାୟତ୍ରୀ ବେହେରା, ଅଧ୍ୟାପିକା, ଓଡ଼ିଆ ବିଭାଗ, ବି. ଏନ. ଏମ. ଏ କଲେଜ, ଭଦ୍ରକ

**ସାରାଂଶ :**

ପ୍ରାଚୀନ ସାଂସ୍କୃତିକ ରାଜ୍ୟ ଓଡ଼ିଶାର ଲୋକସଂସ୍କୃତିର ମୂଳ ଆଧାର ହେଉଛି ଲୋକଗୀତ, ଲୋକନୃତ୍ୟ ଓ ଲୋକବାଦ୍ୟ। ଲୋକବାଦ୍ୟଗୁଡ଼ିକ ଗ୍ରାମୀଣ ଜୀବନ, ପର୍ବପର୍ବାଣି, ଧାର୍ମିକ ଅନୁଷ୍ଠାନ ଓ ସମୁଦାୟିକ ଉତ୍ସବ ସହ ଗଭୀର ଭାବେ ଜଡ଼ିତ। କିନ୍ତୁ ଆଧୁନିକତା ଓ ପରିବର୍ତ୍ତିତ ଜୀବନଶୈଳୀ କାରଣରୁ ଅନେକ ଲୋକବାଦ୍ୟ ଆଜି ଲୁପ୍ତପ୍ରାୟ ହୋଇଯାଉଛି। ଲୋକବାଦ୍ୟ କହିଲେ ଗ୍ରାମୀଣ ଲୋକମାନଙ୍କ ଦ୍ୱାରା ସ୍ୱୟଂ ତିଆରି ଓ ବ୍ୟବହୃତ ବାଦ୍ୟସଙ୍ଗୀତ ଉପକରଣକୁ ବୁଝାଯାଏ। ଓଡ଼ିଶାର ଲୋକବାଦ୍ୟ ମଧ୍ୟରେ ରହିଛି ଢୋଲ, ନିଶାନ, ମହୁରୀ, ଟମକ, ଚାଙ୍ଗୁ ଇତ୍ୟାଦି ରହିଛି। ଢୋଲ ଓଡ଼ିଶାର ସବୁଠାରୁ ପ୍ରଚଳିତ ଲୋକବାଦ୍ୟ ମଧ୍ୟରୁ ଗୋଟିଏ। ବିବାହ, ଯାତ୍ରା, ମେଳା ଓ ଗ୍ରାମୀଣ ଉତ୍ସବରେ ଏହା ବଜାଯାଏ। ମହୁରୀ ଏକ ବାୟୁଚାଳିତ ବାଦ୍ୟ ଯାହାର ଧ୍ୱନି ମଧୁର ଓ ଉଚ୍ଚ। ତାଳବାଦ୍ୟ ଟମକ ଯାତ୍ରା ଓ ଲୋକନାଟ୍ୟରେ ବ୍ୟବହୃତ ହୁଏ। ଚାଙ୍ଗୁ ନୃତ୍ୟ ଓ ଗୀତ ସହ ଅଭିନ୍ନ ଭାବେ ଜଡିତ। ନୃତ୍ୟ ସହିତ ସଂପୃକ୍ତ ଘୁମୁରା କଳାହାଣ୍ଡି, ବଲାଙ୍ଗିର ଓ କୋରାପୁଟ ଅଂଚଳର ଏକ ପ୍ରସିଦ୍ଧ ଲୋକବାଦ୍ୟ। ଏହି ବାଦ୍ୟ ଯୁଦ୍ଧ ଓ ଶୌର୍ଯ୍ୟର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଖଂଜଣି ଭଜନରେ ବ୍ୟବହୃତ ଖଂଜଣିବାଦ୍ୟ। ଏହା ସହିତ ମାଦଳ, ଢେଙ୍କା ପରି ଅନେକ ବାଦ୍ୟ ମଧ୍ୟ ଲୁପ୍ତପ୍ରାୟ। ଏହି ସମସ୍ତ ବାଦ୍ୟ ଲୋକଧାରର ଅଭିନ୍ନ ଅଂଶ।

**ସୂଚକଶବ୍ଦ :** ଲୁପ୍ତ ଲୋକବାଦ୍ୟ, ଚାଙ୍ଗୁ, ଟମକ, ଢୋଲ, ମହୁରୀ, ପାରଂପରିକ ଶିକ୍ଷା।

❖❖❖

# ଲୁପ୍ତପ୍ରାୟ ଲୋକଉପକରଣ ବିଚାର : ବଳଦେବଜୀଉଙ୍କ ରଥଯାତ୍ରା ଅଧ୍ୟୟନ

**ବୈକୁଣ୍ଠ ଦାସ, ଛାତ୍ର, ଶାନ୍ତିନିକେତନ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ**

**ସାରାଂଶ :**

ଓଡ଼ିଶାର ପଲ୍ଲୀ ଠାରୁ ସହର ପର୍ଯ୍ୟନ୍ତ ବାସକରୁଥିବା ଲୋକମାନଙ୍କର ଜୀବନରେ ଅନେକ ଲୋକପର୍ବ-ପର୍ବାଣି ଆସିଥାଏ। ଏହି ଲୋକପର୍ବ-ପର୍ବାଣି ମାଧ୍ୟମରେ ଲୋକମାନେ ମନୋରଞ୍ଜନ ସହ ବହୁ ଶିକ୍ଷା ଲାଭ କରିଥାନ୍ତି। ପରବର୍ତ୍ତୀ ସମୟରେ ଆଧୁନିକ ସହରୀ ସଭ୍ୟତା ଓ ପାଶ୍ଚତ୍ୟ ସଂସ୍କୃତିର ଫଳରେ କ୍ରମଶଃ ଲୋକପର୍ବରେ ବ୍ୟବହୃତ ଲୋକଉପକରଣ ଗୁଡ଼ିକ କ୍ରମଶଃ ଲୁପ୍ତ ପ୍ରାୟ ହେବାକୁ ବସିଛି। ପର୍ବପର୍ବାଣି ଗୁଡ଼ିକ ମଧ୍ୟରୁ କେନ୍ଦ୍ରାପଡ଼ାର ବଳଦେବଜୀଉଙ୍କ ରଥଯାତ୍ରା ଓ ତହିଁରେ ବ୍ୟବହୃତ କ୍ରମଶଃ ଲୁପ୍ତପ୍ରାୟ ଲୋକଉପକରଣ ଗୁଡ଼ିକ ସହିତ ଏହାର ସାଂସ୍କୃତିକ, ବାଣିଜ୍ୟିକ, ଧାର୍ମିକ ଦିଗଗୁଡ଼ିକୁ ଏହି ପ୍ରବନ୍ଧରେ ଆଲୋଚନା କରାଯାଇଛି। ଆଲୋଚନାଟିରେ ପାରଂପରିକ ଲୋକଉପକରଣର ପ୍ରୟୋଗ କିପରି ବିଭିନ୍ନ ପର୍ବପର୍ବାଣିରେ ହୁଏ, ତାହା ବିବିଧ ଦୃଷ୍ଟିକୋଣରୁ ବିଶ୍ଳେଷିତ ହେବ।

**ସୂଚକ ଶବ୍ଦ** : ଶୋଲ କରପଲ୍ଲବ, ହଳ, ମୂଷଳ, ଶିଙ୍ଗା, କାହାଳୀ ଇତ୍ୟାଦି ।

❖❖❖

# ପଶ୍ଚିମ ଓଡ଼ିଶାର ଲୁପ୍ତପ୍ରାୟ ଲୋକବାଦ୍ୟ–ଏକ ପରିଚୟ

**ସାହିଲ୍ କୁମାର ନାୟକ, ଅତିଥି ଅଧ୍ୟାପକ, ଇନ୍ଦିରା ମହାବିଦ୍ୟାଳୟ**

**ସାରାଂଶ :**

ପଶ୍ଚିମ ଓଡ଼ିଶା ବା ପ୍ରାଚୀନ ଦକ୍ଷିଣ କୋଶଳର ସାଂସ୍କୃତିକ ଚେତନା କେବଳ ଏକ ଭୌଗୋଳିକ ପରିଚୟରେ ସୀମିତ ନୁହେଁ; ବରଂ ଏହା ହେଉଛି ପାହାଡ଼, ଜଙ୍ଗଲ, ନଦୀ ଓ ମଣିଷ ମିଳନର ଆତ୍ମିକ ମହାକାବ୍ୟ। ଏହି ଭୂଖଣ୍ଡର ହୃଦସ୍ପନ୍ଦନ ହେଉଛି ତାର ଲୋକସଙ୍ଗୀତ, ଯାହାର ପ୍ରାଣକେନ୍ଦ୍ର ହେଉଛି ଶତାଧିକ ପାରଂପରିକ ଲୋକବାଦ୍ୟ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ, କୃଷିକ୍ଷେତ୍ରରୁ ଦେବାଳୟ ପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତରେ ଏଠାକାର ବାୟୁମଣ୍ଡଳ ବାଦ୍ୟଯନ୍ତ୍ରର ଧ୍ୱନିରେ ପ୍ରକଂପିତ ହୋଇଥାଏ। ଢୋଲର ଗୁରୁଗମ୍ଭୀର ନାଦ, ମହୁରୀର ମାଙ୍ଗଳିକ ସ୍ୱର, ନିଶାନର ବୀରତ୍ୱବ୍ୟଞ୍ଜକ ଗର୍ଜନ ଓ ତାସାର ଶାବ୍ଦିକ ଝଙ୍କାର ମିଶି ଐତିହ୍ୟର ମହାନଗାଥା ଗାନକରନ୍ତି। ଏହି ଭୂଖଣ୍ଡର ସାଂସ୍କୃତିକ ଚେତନା ଏହାର ଲୋକବାଦ୍ୟ ସହିତ ଅବିଚ୍ଛେଦ୍ୟ ଭାବେ ଜଡ଼ିତ। ଏହା କେବଳ କାଠ ବା ଚମଡ଼ାର ନିର୍ଜୀବ ଯନ୍ତ୍ର ନୁହେଁ, ବରଂ କୋଶଳୀ-ଓଡ଼ିଆ ଅସ୍ମିତାର ଜୀବନ୍ତ ପ୍ରତୀକ। ପ୍ରସ୍ତୁତ ଗବେଷଣାତ୍ମକ ନିବନ୍ଧରେ ପଶ୍ଚିମ ଓଡ଼ିଶାର ଲୁପ୍ତପ୍ରାୟ ଲୋକବାଦ୍ୟ ଗୁଡ଼ିକର ଐତିହାସିକ ପୃଷ୍ଠଭୂମି, ସାମାଜିକ ଗୁରୁତ୍ୱ ଏବଂ ସାଂପ୍ରତିକ ସଙ୍କଟ ଉପରେ ବିସ୍ତୃତ ଆଲୋକପାତ କରାଯିବ। ଲୋକବାଦ୍ୟର ସୁରକ୍ଷା କେବଳ କଳାର ସଂରକ୍ଷଣ ନୁହେଁ, ବରଂ ଏକ ଜାତିର 'ଆତ୍ମା'କୁ ବଂଚାଇ ରଖିବାର ପ୍ରୟାସ। ଆମର ମୌଳିକ ସ୍ୱର ହରାଇବସିଲେ, ଆମ ସଂସ୍କୃତି ଏକ ପ୍ରାଣହୀନ ଶରୀରରେ ପରିଣତ ହେବ। ମୋର ଗବେଷଣା ନିବନ୍ଧଟି ହଜିଯାଉଥିବା ଐତିହ୍ୟକୁ ପୁନରୁଦ୍ଧାର କରିବା ପାଇଁ ଏକ ବିନମ୍ର ବୌଦ୍ଧିକ ଆହ୍ୱାନ।

**ସୂଚକ ଶବ୍ଦ :** ପଶ୍ଚିମ ଓଡ଼ିଶା, ଲୋକବାଦ୍ୟ, ଲୁପ୍ତପ୍ରାୟ ଐତିହ୍ୟ, ସମ୍ବଲପୁରୀ ସଙ୍ଗୀତ, ନିଶାନ, ମହୁରୀ, ଢୋଲ।

❖❖❖

# ସଭ୍ୟତାର ଆଦି ଉତ୍ସ : ଲୋକୋପକରଣ

**ଡକ୍ଟର ଅଜୟ କୁମାର ମିଶ୍ର, ପ୍ରତିଷ୍ଠାତା ମିଶ୍ରଶାଳ, ମଧୁପାଟଣା, କଟକ।**

**ସାରାଂଶ :**

ଖାଦ୍ୟ-ବସ୍ତ୍ର- ବାସ, ଏଇ ତିନିଗୋଟି ମୌଳିକ ଆବଶ୍ୟକତା ଦାୟରେ ଆଦିମ ମଣିଷର ଜୀବନ ଜିଇବାର ସଂଘର୍ଷରୁ ଆବଶ୍ୟକତା ପରିପୂରଣ କରିବା କ୍ଷେତ୍ରରେ ଲୋକଉପକରଣ ଉପରେ ନିର୍ଭରତା ସର୍ବକାଳୀନ। ପ୍ରକୃତି ସବୁ ଉପକରଣର ଆଦିମାତା। ପ୍ରକୃତିର ମାଟି, ପାଣି, ବୃକ୍ଷ ଓ ବୃକ୍ଷଜ ସମ୍ପଦ ଜୀବନଧାରଣର ପ୍ରଥମ ଉପକରଣ। ଏସବୁରୁ ଆବଶ୍ୟକ ଉପାଦାନ ଗ୍ରହଣ କରି ଆବଶ୍ୟକତା ଅନୁଯାୟୀ ମଣିଷ ଉପକରଣ ପ୍ରସ୍ତୁତ କରିବାରେ ଲାଗିଲା। ଟେକା ପଥର ଫିଙ୍ଗି ସେ ଗଛଲତାରୁ ପତ୍ର, ଫୁଲ, ଫଳ ତୋଳିଲା, ଧାରୁଆ ପଥର ଫିଙ୍ଗି ସେ ଶିକାର କରି ଖାଦ୍ୟ ଯୋଗାଡ଼ କଲା। ପୁଣି ଧାରୁଆ ବା ଗୋଜିଆ ପଥର ଦ୍ୱାରା ଭୂମି ଖୋଳି, ବାସସ୍ଥାନ ବ୍ୟବସ୍ଥା କଲା। ମାଟିରୁ ରନ୍ଧାପାତ୍ର, ପାଣି ରଖାପାତ୍ର ତିଆରି କଲା। ପଥରରେ ପଥର ଆଘାତ କରି ନିଆଁ ଜଳାଇଲା। ପ୍ରକୃତିରୁ ଉପାଦାନ ନେଇ ମଣିଷ ଗଢ଼ି ଚାଲିଲା ଗୋଟିଏ ପରେ ଗୋଟିଏ ଆବଶ୍ୟକ ଉପକରଣ। ଗୋଷ୍ଠୀ, ସମାଜ ଗଢ଼ି ସେ କ୍ରମଶଃ ସଭ୍ୟ ହେବାକୁ ଆରମ୍ଭ କଲା। ଗଢ଼ି ଉଠିଲା, ସଭ୍ୟତା। ତା'ର ନିର୍ଯ୍ୟାସ ସ୍ୱରୂପ ସଂସ୍କୃତି ମଧ୍ୟ ବିକଶିତ ହେବାକୁ ଲାଗିଲା। ଅତଏବ ସଭ୍ୟତା ଓ ସଂସ୍କୃତି ଉହାଡ଼କୁ ଦରାଣ୍ଡିବା ବେଳେ, କେବଳ ପ୍ରାକୃତିକ ଉପକରଣ ସହିତ ଲୋକଗଢ଼ା ଉପକରଣମାନ ଦୃଶ୍ୟ ହେଲା। ସମୟର ବହମାନଧାରାରେ ପ୍ରାଚୀନ ଉପକରଣ ଗୁଡ଼ିକ ଲୁପ୍ତ ହେଲା। ସେସବୁ ସ୍ଥାନରେ ଦୃଶ୍ୟ ହେଲା ପୁଣି କେତେକ ନୂତନ ଉପକରଣ। ବିଦ୍ୟା-ବିଜ୍ଞାନର ବିକାଶ ଫଳରେ ଜୀବନଶୈଳୀ ବଦଳିବା ସହିତ ଅନେକ ପାରମ୍ପରିକ ଲୋକୋପକରଣ କ୍ରମଲୁପ୍ତ ହେଲା।

ପ୍ରସ୍ତାବିତ ନିବନ୍ଧରେ ସଭ୍ୟତା ନିର୍ମାଣରେ ଲୋକଉପକରଣ ଗୁଡ଼ିକର ଭୂମିକା ଆଲୋକିତ ହେବ।

**ସୂଚକଶବ୍ଦ :** ପ୍ରକୃତିଦତ୍ତ ଉପକରଣ, ଲୋକନିର୍ମିତ ବା ମାନବକୃତ ଉପକରଣ, ଖାଦ୍ୟ-ବସ୍ତ୍ର-ବାସଗୃହ, କୃଷି, ଶିଳ୍ପ, କଳା, ସାହିତ୍ୟ, ସଙ୍ଗୀତ, ସ୍ଥାପତ୍ୟ, ଧର୍ମ ଓ ସଂସ୍କୃତିଜଡ଼ିତ ପାରମ୍ପରିକ ଲୋକଉପକରଣ।

❖❖❖

# ଓଡ଼ିଶାର ଲୋକଧର୍ମ: ଲୁପ୍ତପ୍ରାୟ ଲୋକଉପକରଣ

**ଡକ୍ଟର ପ୍ରିୟଦର୍ଶିନୀ ସ୍ୱାଇଁ, ସହକାରୀ ଅଧ୍ୟାପିକା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**

**ସାରାଂଶ:**

ସାଧାରଣ ଲୋକମାନଙ୍କ ଦୈନନ୍ଦିନ ଜୀବନରେ ଆଚାର ବିଚାର ସାମାଜିକ ପରମ୍ପରାର ରୀତିନୀତି ଲୋକଧର୍ମରେ ପ୍ରତିଫଳିତ ହୁଏ। କେଉଁ ଅତୀତରୁ ଆସ୍ଥା ବିଶ୍ୱାସର ପ୍ରତୀକ ହେଉଛନ୍ତି- ପ୍ରକୃତି, ଦେବଦେବୀ, ଓଷା,ବ୍ରତ, ପୂଜାପାର୍ବଣ ଓ ପର୍ବପର୍ବାଣି ଇତ୍ୟାଦି। ଲୋକଧର୍ମ ସମ୍ପୃକ୍ତ ଲୁପ୍ତପ୍ରାୟ ଉପକରଣ ସମ୍ପର୍କରେ ଏହି ନିବନ୍ଧରେ ଉପସ୍ଥାପନ କରାଯିବ।

**ସୂଚକଶବ୍ଦ** : ଲୋକବାଦ୍ୟ, କାଷ୍ଠ, ମାଟି, ଧାତୁନିର୍ମିତ ଦ୍ରବ୍ୟ, ଗ୍ରାମୀଣ ସମାଜ ଇତ୍ୟାଦି ।

❖❖❖

# ଲୁପ୍ତପ୍ରାୟ ଲୋକଉପକରଣର ପୁନରୁଦ୍ଧାର ଓ ପର୍ଯ୍ୟାବରଣୀୟ ଅବବୋଧ

ଡ. ହେନେରିଟା ମିଶ୍ର, ସହକାରୀ ପ୍ରାଧ୍ୟାପିକା
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ

**ସାରାଂଶ :**

ଲୋକସଂସ୍କୃତି ଲୋକଜୀବନର ଅଲିଖିତ ନିର୍ଦ୍ଦେଶନାମା, ଯାହାର କଳେବର ଲୋକଜୀବନ ଜୀବିକା ସହ ଜଡ଼ିତ। ଲୋକଜୀବନର ଗାଥା, ବ୍ୟଥା ଓ କଥାକୁ ନେଇ ଲୋକସଂସ୍କୃତିର ନାନାଦି ବର୍ଣ୍ଣବିଭା ପ୍ରତିଫଳିତ ହୋଇଥାଏ। ଗୋଟେ ଜାତିର ବହିରଙ୍ଗ ହେଉଛି ସଭ୍ୟତା, ତା'ର ଅନ୍ତରାତ୍ମା ହେଉଛି 'ସଂସ୍କୃତି' । ସଭ୍ୟତାର ସଂସ୍କୃତିର ପରିବର୍ତ୍ତନକୁ ଆଦରିନିଏ । ତେଣୁ ଏ ପରିପ୍ରେକ୍ଷୀରେ ଆପଣା ସଂସ୍କୃତି ପ୍ରତି ତାର ମମତ୍ୱ ପ୍ରତିଷ୍ଠିତ ହେଲେ, ଲୁପ୍ତପ୍ରାୟ ଲୋକସଂସ୍କୃତିର ପୁନରୁଦ୍ଧାର ହେବ। ଲୁପ୍ତପ୍ରାୟ 'ହସ୍ତକାରିଗରୀ'ବା 'ଲୋକଗଢ଼ଣ' ଜୀବନ୍ୟାସ ଲଭିବ। ଲୋକସଂସ୍କୃତିର ଭାବ ଓ ସ୍ୱଭାବ ସହ ଅନେକାଂଶରେ ଲୋକଜୀବନର କୃତି, ପ୍ରକୃତି ଓ ପ୍ରବୃତ୍ତି ନିର୍ଭର କରେ । ନାନାଦି ବିଡ଼ମ୍ବନା ମଧ୍ୟରୁ 'ପର୍ଯ୍ୟାବରଣୀୟ ଅବବୋଧ' ଆମର ଆଲୋଚ୍ୟ ପ୍ରସଙ୍ଗ । ଏ ଦୃଷ୍ଟିରୁ ପାରିବେଶିକ ପରିଚର୍ଚ୍ଚାର ଆବଶ୍ୟକତା ରହିଛି । ପର୍ଯ୍ୟାବରଣ ସୁରକ୍ଷାରେ ଏହି ଲୁପ୍ତପ୍ରାୟ ଲୋକଉପକରଣ, ଯେପରି ଶଗଡ଼, ମାଠିଆ,ଦୀପ, ତେଣ୍ଡା, ଢ଼ିଙ୍କି, ସବାରି, କୁତୁଆ, ଠେକି, ଝାଂପି, ଅଳଗୁଣି, ବିଂଚଣା, ପିଢ଼ା, କୁଲା, ବାଉଁଶିଆ, ବଟା, ଟିପା, ଖଇଂଚି, ଶଗଡ଼ି ଏବଂ ସର୍ବୋପରି ରଥ, ବାଉଁଶ ଟାହିଆ, ଦେଇପିଣ୍ଡି, ଅଖିମୁଠି, ଚୁଲି ପ୍ରଭୃତି ବିଶେଷ ଭୂମିକା ଗ୍ରହଣ କରନ୍ତି। ପ୍ଲାଷ୍ଟିକମୁକ୍ତ ସାଜ-ସରଞ୍ଜାମ ଆଜିର ଆହ୍ୱାନ । ପରିବେଶ ସୁରକ୍ଷା ଓ ତଜ୍ଜନିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଦି ପ୍ରକୃତି ଦତ୍ତ। ତେଣୁ ତାହା ନିଶ୍ଚିତ ଭାବେ ପର୍ଯ୍ୟାବରଣୀୟ ସନ୍ତୁଳନ ରେ ସହାୟ ହେବ ।

**ସୂଚକଶବ୍ଦ :** ଲୋକକାରିଗରୀ, ଜଗତୀକରଣ, ସାଂସ୍କୃତିକ ଅବକ୍ଷୟ, ଛିନ୍ନମୂଳ ଅସ୍ତିତ୍ୱ, ନିବିଡ଼ ପ୍ରକୃତି ନୀତି, ପର୍ଯ୍ୟାବରଣ ଅବବୋଧ

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ ଲୋକକାରିଗରୀ ନାରୀଙ୍କ ଭୂମିକା

ଜୟଶ୍ରୀ ନନ୍ଦ, ୧୧, ଲେନ୍ ଓଡ଼ କ୍ଲୋଜ, ଆମେରେସନ୍, ବର୍କିମ୍ ହାମସାୟାର, ୟୁକେ, ଏଚ୍.ପି-୭, ୯ଜେ.ଏଲ୍

**ସାରାଂଶ:**

ଓଡ଼ିଶାର ଲୋକସଂସ୍କୃତି, ପରଂପରା, ଚଳଣିରେ ପୁରୁଷମାନଙ୍କଠାରୁ ତୁଳନାତ୍ମକ ଭାବେ ନାରୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଗରୁ ନାରୀମାନେ ବାଡିର ନଡିଆଗଛ, ତାଳଗଛ, ନଈପଠାରେ ଥିବା ଖଜୁରୀଗଛ, ନଈପୋଖରୀରେ ଥିବା କାଇଁଚବୁଦା ଆଦିରୁ ଅନେକ ଘରକରଣା ଜିନିଷ ତିଆରି କରୁଥିଲେ। ଘରର ବୟସ୍କା ମହିଳା, ଶାଶୁମା, ବୁଢ଼ୀମା ମାନେ ବି ଏସବୁରେ ତାଙ୍କ ପାଖରେ ଥିବା ହସ୍ତକଳା ସବୁ ପରପିଢିକୁ ଶିଖାଉଥିଲେ। ତାଳ ଗଛପତ୍ରର ଆସନ / ଚଟେଇ /ଚଟ / ବିଂଚଣା ଏସବୁ ଗାଁର ପ୍ରତିଟି ନାରୀମାନେ ଘରର କାମଧନ୍ଦା ସାରିବା ପରେ ନିଜର ଫାଙ୍କା ସମୟରେ ହସ୍ତକଳାରେ ବିନିଯୋଗ କରି ନିଜକୁ ସ୍ୱାବଲମ୍ବୀ ବି କରୁଥିଲେ।

ଘରେ ଘରେ ତାଳପତ୍ର ଡାଲାର ବ୍ୟବହାର ହେଉଥିଲା। ତାଳପତ୍ର ବିଂଚଣା, ନଡିଆପତ୍ରରେ ବୁଣା ବଡ ଲମ୍ବା ଚଟେଇ ଯାହା ପ୍ରତି ଗାଁପିଣ୍ଡାରେ ପକାଇ ଲୋକମାନେ ବସି ତାସ ଖେଳିବା ଓ ବସାଣୁଆ କରିବା, ଆଜି ଆଉ ଦେଖିବାକୁ ମିଳୁନି।

ବାଉଁଶପାତରେ ବି ଶେର, ମାଣ କୁଲା, କୁଲେଇ, ଖଇଚଲା ଆଦି ଘରର ସ୍ତ୍ରୀଲୋକମାନେ ବୁଣନ୍ତି । କାଇଁଚରେ ଚୁଡ଼ିରଖିବା ପାଇଁ କାଇଁଚ ପେଡ଼ି, ରଙ୍ଗବେରଙ୍ଗ କାଇଁଚ ଡାଲା ସ୍ତ୍ରୀଲୋକମାନେ ବୁଣୁଥିଲେ। ଘର ସଜାଇବା ପାଇଁ କାନ୍ଥରେ ବିଭିନ୍ନ ପ୍ରକାରର କାଇଁଚ ତିଆରି ଫୁଲ ଆଦି ବୁଣୁଥିଲେ। ନଡିଆ ସଢ଼େଇରେ ବତାଲଗା ଡଙ୍କି ବି ଆଉ ଦେଖିବାକୁ ମିଳୁନି। ପ୍ରତି ଘରେ ଆଗରୁ ଅନେକ ଗୃହଉପକରଣ ତିଆରି ହେଉଥିଲା। ଯେମିତି ଆଗେ ଘରେଘରେ ନଡିଆକତାରୁ କୂଅଦଉଡ଼ି, ଲୁଗା ସୁଖେଇବା ପାଇଁ ଦଉଡି ଆଦି ତିଆରି କରାଯାଉଥିଲା। ଘରେ ତିଆରି ନଡିଆକତାର ପାପୋଛ ବି ଆଗେ ପ୍ରତିଘର ଦୁଆରମୁହଁରେ ଦେଖିବାପାଇଁ ମିଳୁଥିଲା। ଗାଈବାନ୍ଧିବା ପାଇଁ ପଘା ବି ଘରେ ହିଁ ବୁଣାଯାଉଥିଲା। ଘରେଘରେ ନଡିଆ ବାହୁଙ୍ଗାରୁ ପିଞ୍ଛ ବା କଂଚି ବାହାରକରି ଝାଡୁ ବା ପହଁରାମୁଠା ତିଆରି କରୁଥିଲେ। ଅନେକ ଦୈନନ୍ଦିନ ଗୃହଉପକରଣ ଜିନିଷ ପ୍ରତିଘରେ ହିଁ ତିଆରି ହେଉଥିଲା। ଏମିତି ନାରୀମାନଙ୍କର ଅନେକ ହସ୍ତକଳା ପର ପିଢିଙ୍କୁ ଶିଖିବା ପାଇଁ ମିଳୁନି।

**ସୂଚକଶବ୍ଦ :** ଝାଡୁ, ଚାଂଚ, ଚଟ, ଚଟେଇ, ଡଙ୍କା

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ: ସାରଳା ମହାଭାରତ

**ରମେଶ ଚନ୍ଦ୍ର ପ୍ରଧାନ, ଗବେଷକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ**

**ସାରାଂଶ :**

ଅଧିକାଂଶ ସାଧାରଣବର୍ଗର ଲୋକେ ବାସ କରୁଥିବା ଓଡ଼ିଶା ହେଉଛି ଓଡ଼ିଶା ଏକ ଗ୍ରାମ୍ୟବହୁଳ ରାଜ୍ୟ। ସାଧାରଣ ଲୋକମାନେ ନିଜର ସଂସ୍କୃତି ତଥା ବିଭିନ୍ନ କାର୍ଯ୍ୟର ଆବଶ୍ୟକତା ଅନୁସାରେ ଭିନ୍ନଭିନ୍ନ ଉପକରଣମାନ ବ୍ୟବହାର କରିଥାନ୍ତି। ଆଜିର ବିଜ୍ଞାନଯୁଗରେ ପ୍ରଯୁକ୍ତିବିଦ୍ୟାର ପରିସର ବିସ୍ତାରିତ ହୋଇ ଅତି ସୁବିଧାରେ କାର୍ଯ୍ୟ କରିବାପାଇଁ ଉନ୍ନତ ଧରଣର ଉପକରଣମାନ ଯୋଗାଇଦେଇଛି। ଯୁଗ ବଦଳିବା ସହ, ଅତୀତର ଯୁଦ୍ଧାସ୍ତ୍ର ବ୍ୟବହାର ବଦଳିଛି। ଆଦିକବି ସାରଳା ଦାସଙ୍କ ମହାଭାରତରେ ଏପରି ବହୁ ଉପକରଣଗୁଡ଼ିକର ସନ୍ଧାନ କରାଯାଇଛି ଏହି ପ୍ରବନ୍ଧରେ।

**ସୂଚକଶବ୍ଦ :** ମହାଭାରତ, ପାଲିଙ୍କି, କୁନ୍ତ, କାତି

❖❖❖

# ଓଡିଶାର ଲୁପ୍ତପ୍ରାୟ ଲୋକଉପକରଣ; ବୃତ୍ତିଗତ ଜୀବନ ଚଳଣି ବିଚାର

**ପବିତ୍ର ଦାସ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋପନା, ସୁନ୍ଦରଗଡ**

**ସାରାଂଶ :**

ଆଦିମ ମଣିଷ ଖାଦ୍ୟ ଅନ୍ୱେଷଣ କରି ନିଜର ଜୀବିକା ନିର୍ବାହ କରୁଥିଲା । ନିଜର ଆବଶ୍ୟକତାକୁ ପରିପୂରଣ କରିବା ପାଇଁ ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ପରିବର୍ତ୍ତନ କରୁଥିଲା । ଖାଦ୍ୟପାଇଁ ବଣର ଫଳ ମୂଳ ଉପରେ, ବସ୍ତ୍ର ପାଇଁ ଗଛ ଡାଳର ପତ୍ର, ବକଳ ଉପରେ ଏବଂ ବାସସ୍ଥାନ ବା ମୁଣ୍ଡ ଗୁଞ୍ଜିବା ପାଇଁ ଅନାୟାସରେ ଗଛର କୋରଡକୁ ନିଜର ବୋଲି ଭାବି ନେଇଥିଲା । ତା ପରେ ଆରମ୍ଭ କଲା ଗଢ଼ଣ।

ନିଜର ଆବଶ୍ୟକତା ତଥା ଅନୁଭବକୁ ପାଥେୟ କରି ମଣିଷ ଅନେକ ଆବଶ୍ୟକ ଉପକରଣ ଗଢି ତୋଳିଲା ପରିବର୍ତ୍ତିତ ପରିମଣ୍ଡଳରେ ଭିନ୍ନ ଭିନ୍ନ ଉପାଦାନ ତଥା ଅନୁଭବର ମିଶ୍ରଣରେ ଗଢାହୁଏ ଅନେକ ଲୋକ ଉପକରଣ । ଏହା ସମାଜର ଆବଶ୍ୟକତା ପୂରଣକରିବା ସହିତ ଗୋଷ୍ଠୀ ତଥା ସମୁଦାୟର ଜୀବିକା ରୂପେ ପରିଗଣିତ ହୋଇଥାଏ। ।ଲୋକୋପକରଣ ବ୍ୟକ୍ତିର ଜୀବନ ଜୀବିକାର ବୃହତ୍ତର ମାନଦଣ୍ଡ । ଜୀବନ ବଂଚିବା ପାଇଁ ଜାତି ତଥା ବୃତ୍ତିଗତ ଭାବରେ ଏହାର ଉପଯୋଗ କରାଯାଇ ନିଜର ଆବଶ୍ୟକତା ପରିପୂରଣ କରୁଥିଲା ମଣିଷ ।

**ସୂଚକଶବ୍ଦ :** ଠେକି, ବଢା, ଦୁଧହାଣ୍ଡି, ଦହିହାଣ୍ଡି, ଖୁଆ, ଶିଙ୍ଗା, ଶିକା, ବାହୁଙ୍ଗି, ପସରା

❖❖❖

# ଆମ ନିତିଦିନିଆ ଚଳଣିରେ ଲୁପ୍ତପ୍ରାୟ ଲୋକଉପକରଣ : ଏକ ଅଧ୍ୟୟନ

**ଐଶ୍ୱର୍ଯ୍ୟା ଶୁଭଦର୍ଶିନୀ ସାମଲ, ଗବେଷିକା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

**ସାରାଂଶ :**

ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳରେ ଆଜିର ବିଶ୍ୱ ବେଶ୍ କୁଶଳୀ। ଏହି ଆଧୁନିକୀକରଣ, ଜ୍ଞାନକୌଶଳ ବଳରେ ମଣିଷ ଆଜି ସଫଳତାର ଶୀର୍ଷରେ ପହଂଚି ପାରିଛି। ଫଳସ୍ୱରୂପ ଆମ ସମାଜ ଆଜି ଏକ ସୌଖୀନ ଜୀବନଯାପନ କରୁଛି । ପୁରୁଣା ସମୟର ଅତ୍ୟାବଶ୍ୟକତା ଆଜି ଗୌଣ ଓ ବିଲୁପ୍ତପ୍ରାୟ ହୋଇଯାଇଛି। ସେହିପରି ଆମ ଦୈନନ୍ଦିନ ଜୀବନରେ ବ୍ୟବହୃତ ପାରଂପରିକ ଲୋକୋପକରଣ ଗୁଡ଼ିକ ଆଜି ଲୁପ୍ତପ୍ରାୟ । ଏହି ନିବନ୍ଧର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆମ ନିତିଦିନିଆ ଜୀବନରେ ବ୍ୟବହୃତ ଲୋକୋପକରଣ ଗୁଡ଼ିକ ଲୋକଲୋଚନକୁ ଆଣିବା । ଉପକରଣଗୁଡ଼ିକର ବିଶେଷତ୍ୱ, ସମାଜଜୀବନ ସହିତ ସମ୍ପର୍କ, ସାଂସ୍କୃତିକ କ୍ଷେତ୍ରରେ ପ୍ରଭାବ, ଚଳନ୍ତି ସମୟର ସମସ୍ୟା ଓ ତା'ର ସମାଧାନର ମାର୍ଗକୁ ଏଠାରେ ଆଲୋଚନା ପରିସରଭୁକ୍ତ କରାଯିବ।

**ସୂଚକଶବ୍ଦ :** କୃଷି, ଶିଳ୍ପ, ଲୋକୋପରଣ, ଲୁପ୍ତପ୍ରାୟ

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକ ଉପକରଣରେ ସାମାଜିକଦିଗର ବିଚାରବିମର୍ଶ

**ମାଣିକ ମଲ୍ଲିକ, ଗବେଷିକା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

**ସାରାଂଶ :**

ଲୋକସଂସ୍କୃତି ବଳିଷ୍ଠ ଭିତ୍ତିଭୂମି ଉପରେ ଦଣ୍ଡାୟମାନ ଆଧୁନିକ ଜୀବନ। ଜୀବନ ଚଳଣି ପାଇଁ ଆବଶ୍ୟକ ହେଉଥିବା ପ୍ରତ୍ୟେକ ଉପାଦାନ ଲୋକସଂସ୍କୃତିର କଳେବରରେ ପୂର୍ଣ୍ଣ ହୋଇ ରହିଛି। ପ୍ରଥମତଃ ସମାଜ, ଲୋକ ସଂସ୍କୃତି ତଥା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଦର୍ଶାଯିବ। ଦ୍ୱିତୀୟରେ ଜୀବନ ଓ ଜୀବିକା ନିମନ୍ତେ ଗାଁ ଏବଂ ସହରରେ ଯେଉଁ ପରଂପରା, ରୀତିନୀତି, ବିଧିବ୍ୟବସ୍ଥା, ସର୍ବୋପରି ବ୍ୟକ୍ତିର ଜନ୍ମରୁ ମରଣ ପର୍ଯ୍ୟନ୍ତ, ତା ସହିତ ଜଡିତ ସମସ୍ତ ସାମାଜିକ ବ୍ୟବସ୍ଥାକୁ ଉପସ୍ଥାପନ କରାଯିବ। ତୃତୀୟରେ ଏହାର ପରିବର୍ତ୍ତନର ସ୍ୱର, ଲୁପ୍ତ ହେବାକୁ ଯାଉଥିବା ବିଧିବ୍ୟବସ୍ଥାର ଚିତ୍ର ଦର୍ଶାଯିବ। କେଉଁ କେଉଁ ବିଧିବ୍ୟବସ୍ଥା ଲୁପ୍ତ ଏବଂ ଏହାର ଅଭାବ କେତେ ମାତ୍ରାରେ ପ୍ରଭାବ ପକାଇଛି ତାହାର ଉପସ୍ଥାପନ କରାଯିବ।

**ସୂଚକଶବ୍ଦ :** ଓଡ଼ିଶାର ଲୋକସଂସ୍କୃତି, ଅତୀତର ଜୀବନ, ଲୋକଉପକରଣ, ଆଧୁନିକ ସମାଜବ୍ୟବସ୍ଥା, ବିବିଧ ଦିଗ

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଲୋକ ଚଳଣିରେ ଲୋକ ଉପକରଣ

**ଅର୍ପିତା ବେହେରା, ସ୍ନାତକୋତ୍ତର ଛାତ୍ରୀ, ରମାଦେବୀ ମହିଳା ମହାବିଦ୍ୟାଳୟ**

**ସାରାଂଶ :**

ପ୍ରକୃତିର ପାଣି, ପବନ ଆମକୁ ଜୀବନ୍ୟାସ ଦେଇଛି। ସେହି ପ୍ରକୃତିର ସୂକ୍ଷ୍ମ-ସ୍ଥୁଳର ତତ୍ତ୍ୱ ଓ ତଥ୍ୟ ସହ ଓଡ଼ିଶାର ଲୋକସଂସ୍କୃତି, ଲୋକପରଂପରା ଓ ଲୋକଚଳଣି ଜଡ଼ିତ। ଲୋକସାମ୍ରାଜ୍ୟକୁ ନେଇ ବିଶ୍ୱର ସଂସ୍କୃତି, ପରଂପରା ଓ ଚିନ୍ତାଚେତନାର ଧାରା ସୃଷ୍ଟି ହୋଇଛି। ସେହି ଅନନ୍ୟ ସୃଷ୍ଟିର ଧାରା ମଧ୍ୟରେ ଓଡ଼ିଶାର ଲୋକସଂସ୍କୃତି, ପରଂପରା, ଆଚାର-ବିଚାର, ଚାଲି-ଚଳଣି, ବ୍ରତ-ଉପାସନା ଆଦି ଅସାମାନ୍ୟ। ମାଟିରୁ ଆକାଶ ପର୍ଯ୍ୟନ୍ତ ସବୁ ଉପାଦାନକୁ ଭିତ୍ତି କରି ଲୋକସଂସ୍କୃତିର ପ୍ରଥା ଓ ପରଂପରା ଲୋକଚଳଣିରେ ପ୍ରତିବିମ୍ବିତ ହୋଇ ଲୋକଉପକରଣ ରୂପେ ପ୍ରତୀତ ହୋଇଛି। ଦୈନନ୍ଦିନ ଜୀବନରେ ବ୍ୟବହୃତ ବିଭିନ୍ନ ଲୋକଉପକରଣ ସହ ଲୋକବିଶ୍ୱାସର ସତ୍ତା ମଧ ନିହିତ । କେଉଁ ଅତୀତରୁ ଲୋକଚଳଣିରେ ବ୍ୟବହୃତ ଦାନ୍ତକାଠିରେ ଉଭୟ ବୈଦିକ ପ୍ରଥାବିଶ୍ୱାସ ଓ ବିଜ୍ଞାନଭିତ୍ତିକ ଔଷଧୀୟ ଗୁଣ ନିହିତ। ଆଜିକାର ପରିସ୍ଥିତିକୁ ଦୃଷ୍ଟିରେ ରଖି ହଜିଯାଉଥିବା ଲୋକପରଂପରା ସମ୍ପର୍କରେ ମୁଁ ଆଲୋଚନା ରଖିବି।

**ସୂଚକଶବ୍ଦ :** ଆଚାର- ବିଚାର, ଚାଲି-ଚଳଣି, ବ୍ରତ-ଉପାସନା

❖❖❖

# ପଶ୍ଚିମ ଓଡ଼ିଶାର ଓଷାବ୍ରତ, ଲୁପ୍ତପ୍ରାୟ ଲୋକୋପକରଣ : ଏକ ବିଶ୍ଳେଷଣ

**ମହାଦେବ ସେଣ୍ଡ୍ରିଆ, ଶିକ୍ଷାର୍ଥୀ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା**

**ସାରାଂଶ:**

ପଶ୍ଚିମଓଡ଼ିଶାର ଗଣଜୀବନରେ ଓଷାବ୍ରତ କେବଳ ଏକ ଧାର୍ମିକ ଅନୁଷ୍ଠାନ ନୁହେଁ, ବରଂ ଏହା ମାଟି ଓ ମଣିଷର ଆତ୍ମିକ ସଂପର୍କର ଏକ ଜୀବନ୍ତ ଦଲିଲ୍। ପ୍ରକୃତିରେ ଦେବତ୍ୱର ଆରୋପ କରି ପୂଜା କରିବାର ଯେଉଁ ପରଂପରା ଏହି ଅଂଚଳରେ ପ୍ରଚଳିତ, ତାହା ବିଶ୍ୱ ସଂସ୍କୃତିରେ ଅନନ୍ୟ । ଏହି ଗବେଷଣା ନିବନ୍ଧରେ ପଶ୍ଚିମ ଓଡ଼ିଶାର ପ୍ରମୁଖ ଓଷାବ୍ରତ ଯଥା-ପୁଅଜୀଉନ୍ତିଆ, ଭାଇଜୀଉନ୍ତିଆ, କରମାପୂଜା, ଓ ଷଷ୍ଠୀଓଷା ଆଦିର ଆଧ୍ୟାତ୍ମିକ ତଥା ସାମାଜିକ ଦିଗ ଆଲୋକିତ ହେବ। ପର୍ବଗୁଡ଼ିକର ବିଶେଷତ୍ୱ ହେଉଛି ଏଥିରେ ବ୍ୟବହୃତ ହେଉଥିବା ଲୋକ ଉପକରଣ । ପ୍ରକୃତିର ଅବଦାନକୁ ସମ୍ମାନ ଜଣାଇ ଏଠାକାର ଶିଳ୍ପୀ ଓ ସାଧାରଣ ଜନତା ବାଉଁଶ, ମାଟି, କଂସା ଓ ପିତ୍ତଳରେ ତିଆରି ବିଭିନ୍ନ ସରଞ୍ଜାମକୁ ଆରାଧନାର ମାଧ୍ୟମ ଭାବେ ଗ୍ରହଣ କରିଛନ୍ତି। ପୁଅ ଜିଉନ୍ତିଆରେ ବ୍ୟବହୃତ ହେଉଥିବା 'କୁଲା', 'ହାତଘଂଟି', 'ଝାଞ୍ଜି', 'ଦୀପ', 'ଧାନର କେଣ୍ଡା', 'କାକୁଡ଼ି','କଖାରୁ' ଏବଂ ବିଭିନ୍ନ ଜଙ୍ଗଲୀ ଫଳ ଓ ପତ୍ରର ବ୍ୟବହାର ମଣିଷର ପରିବେଶ ସହ ଥିବା ନିବିଡ଼ତାକୁ ଦର୍ଶାଏ । ଏକ ପକ୍ଷରେ ଆଧ୍ୟାତ୍ମିକ ବିଶ୍ୱାସ ଓ ଅନ୍ୟପକ୍ଷରେ ଲୋକକଳାର ସମନ୍ୱୟ କିପରି ପଶ୍ଚିମ ଓଡ଼ିଶାର ଆଂଚଳିକ ପରିଚୟକୁ ସମୃଦ୍ଧ କରିବା ପ୍ରସଙ୍ଗ ନିବନ୍ଧର ମୂଳ ପରିଧି ।

**ସୂଚକଶବ୍ଦ :** ପଶ୍ଚିମ ଓଡ଼ିଶା, ଓଷାବ୍ରତ, ଲୋକଉପକରଣ, ଲୋକାଚାର, ଓଷା, ଅସ୍ମିତା, ପରଂପରା

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣରେ ବୃତ୍ତିଗତ ଜୀବନଚଳଣି: ଏକ ଅନୁଶୀଳନ

**ଭାଗ୍ୟଶ୍ରୀ ଦାଶ, ଗବେଷିକା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

**ସାରାଂଶ :**

ସଂସ୍କୃତି ପରି ବୃତ୍ତି ମଧ୍ୟ ଏକ ବ୍ୟକ୍ତିର ପରିଚୟ। ଜାତି ଆଧାରରେ ବ୍ୟକ୍ତି ନିଜର କୁଳ ବେଉସାକୁ ଗ୍ରହଣ କରି ପିଢ଼ି ପରେ ପିଢ଼ି ଜୀବନକୁ ଅତିବାହିତ କରୁଥିଲା। ମାତ୍ର ବର୍ତ୍ତମାନ ସମୟର ପରିବର୍ତ୍ତନରେ ଏହି ବୃତ୍ତିଗତ ଜୀବନଶୈଳୀର ଧାରାରେ ମଧ୍ୟ ପରିବର୍ତ୍ତନ ଦେଖାଦେଇଛି। ଏହି ବୃତ୍ତିକୁ ଜାତିଭିତ୍ତିକ କିମ୍ବା ଆର୍ଥନୀତିକ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ। ଓଡ଼ିଶାର ଜନଜୀବନର ଚଳଣି ଉପସ୍ଥାପନା କରାଯିବା ସହିତ ସ୍ୱତନ୍ତ୍ର ଭାବରେ ଓଡିଶାରେ ବୃତ୍ତିଧାରୀଙ୍କ ଜୀବନଶୈଳୀ ଉପରେ ଉପସ୍ଥାପନା କରାଯିବ ଏବଂ ଓଡ଼ିଶାର ସାମାଜିକ ଜୀବନ ଧାରାରେ ସେହି ବୃତ୍ତିର ଆବଶ୍ୟକତା କେତେ, ତାହା ନିରୂପଣ କରାଯିବ। ବୃତ୍ତି ଆଧାରିତ ଲୋକଉପକରଣ ଏବେ ଲୁପ୍ତପ୍ରାୟ। ଆଧୁନିକୀକରଣରେ ବୃତ୍ତିଗତ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବା ଛଳରେ ଏହାର ସତ୍ତାକୁ ବିଲୁପ୍ତ କିପରି କରିବାକୁ ବସିଛି, ତାହାର ଚିତ୍ର ଦର୍ଶାଯିବ। ଏହାର ଆବଶ୍ୟକତାକୁ ଉପଲବ୍ଧି କରି ଏହାର ସମାଧାନ ନିମନ୍ତେ ପ୍ରଚେଷ୍ଟା କିପରି କରାଯିବ।

**ସୂଚକଶବ୍ଦ :** ଓଡ଼ିଶାର ଜନଜୀବନ, ବୃତ୍ତିଗତ ଜୀବନ, ଲୋକଉପକରଣ, ଆଧୁନିକୀକରଣ।

❖❖❖

# ଭାରତୀୟ ପାରଂପରିକ ଜ୍ଞାନ ଶୃଙ୍ଖଳା : ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ -ଏକ ସମାଜତାତ୍ତ୍ୱିକ ବିଚାର

**ସୁଲଗ୍ନା ମହାନ୍ତି, ଛାତ୍ରୀ, ରେଭେନସା ବିଶ୍ୱବିଦ୍ୟାଳୟ**

**ସାରାଂଶ:**

"ମାନବ ସଭ୍ୟତାର ବିବର୍ତ୍ତନ ପୃଷ୍ଠଭୂମିରେ ଓଡ଼ିଶାର ପାରଂପରିକ ଲୋକଉପକରଣଗୁଡ଼ିକ କେବଳ ଭୌତିକ ସଂପଦ ନୁହନ୍ତି, ବରଂ ଏହା ଓଡ଼ିଆ ଜାତିର ସାମାଜିକ ସଂସ୍କୃତି ଓ ସାମୂହିକ ଚେତନାର ମୂକସାକ୍ଷୀ। ସମାଜତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ, ଢିଙ୍କି, ଯନ୍ତ, ଲଙ୍ଗଳ ଓ ଶଗଡ଼ ଭଳି ଉପକରଣଗୁଡ଼ିକ ପାରିବାରିକ ସଂହତି, ଗ୍ରାମୀଣ ଭାଇଚାରା ଏବଂ କୌଳିକ ବୃତ୍ତିକୁ ଏକ ଶୃଙ୍ଖଳିତ ସୂତ୍ରରେ ବାନ୍ଧି ରଖିଥିଲେ। ଆଧୁନିକତା ଓ ଯାନ୍ତ୍ରିକ ସଭ୍ୟତାର କରାଳ ଗ୍ରାସରେ ଏହି ମୂଲ୍ୟବାନ ଲୋକଉପକରଣଗୁଡ଼ିକ ଆଜି ବିଲୁପ୍ତପ୍ରାୟ।

ଯାହା ଫଳରେ ଓଡ଼ିଆ ଜୀବନଧାରାରୁ ସାମୂହିକତା ହ୍ରାସ ପାଇ ଏକାକୀତ୍ୱ ବୃଦ୍ଧି ପାଉଛି। ଏହି ପ୍ରବନ୍ଧରେ ଲୁପ୍ତପ୍ରାୟ ଉପକରଣର ସାମାଜିକ ପ୍ରାସଙ୍ଗିକତାକୁ ବିଶ୍ଳେଷଣ କରାଯିବା ସହ, ନିଜର ସାଂସ୍କୃତିକ ଚେରକୁ ଫେରିପାଇବା ପାଇଁ ଏହାର ସଂରକ୍ଷଣ ଉପରେ ଗଭୀର ଆଲୋକପାତ କରାଯାଇଛି।

**ସୂଚକଶବ୍ଦ :** ବିଶ୍ୱାୟନ, ଜାତୀୟ ଅସ୍ମିତା,ଭୌତିକ ସଂସ୍କୃତି, କୌଳିକ ବୃତ୍ତି, ପୁନରୁଦ୍ଧାର ଇତ୍ୟାଦି

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଧର୍ମତାତ୍ତ୍ୱିକ ବିବେଚନା

**ଶୁଭଲକ୍ଷ୍ମୀ ସାହୁ, ଗବେଷିକା, ମଲ୍ଲାସାହି, ମଙ୍ଗଳାବାଗ, କଟକ**

**ସାରାଂଶ :**

ଲୋକସଂସ୍କୃତି ଲୋକଜୀବନ ଧାରା ସହ ନିବିଡ଼ ଭାବେ ଜଡ଼ିତ । ଲୋକସଂସ୍କୃତିର ଏକ ପ୍ରମୁଖ ଉପାଦାନ ଲୋକଉପକରଣ ବା ଲୋକଗଢ଼ଣ । ଲୋକଉପକରଣର ବିବିଧ ରୂପ ମଧ୍ୟରୁ ଧର୍ମଭିତ୍ତିକ ଲୋକଉପକରଣ ଅନ୍ୟତମ । ସର୍ବଧର୍ମ ସମନ୍ୱୟର ପୀଠ ଓଡ଼ିଶା। ବାରମାସରେ ତେରପର୍ବ ନ୍ୟାୟରେ ଓଡ଼ିଶାରେ ବିଭିନ୍ନ ପ୍ରକାର ଓଷା ବ୍ରତ, ପୂଜା, ପାର୍ବଣ ପାଳିତ ହୋଇଥାଏ । ଏସବୁରେ ବ୍ୟବହୃତ ଉପକରଣଗୁଡ଼ିକ ଧର୍ମଭିତ୍ତିକ ଲୋକଉପକରଣ। ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣ ଗୁଡ଼ିକ ହେଉଛି– ବସନ୍ତରା, ରଥ, ଷଠୀଘର, ଆକାଶଦୀପ, ଦୋଳବିମାନ, ଘଟପାଟୁଆ, ଆଡ଼ପଙ୍ଖା, ପଟ୍ଟେଇ, ବ୍ୟାସାସନ, ସତ୍ୟପୀରଖଟୁଳି, ଶ୍ରୁବ, ସ୍ରୁଚ, ରୁଖା, ଶିଳ, ଶିଳପୁଆ, ଭୋଗେଇ, ଚାନ୍ଦୁଆ, ଦୀପ, ମାଣ ଖଟୁଳି, ଆଲଟଚାମର ଇତ୍ୟାଦି। ପ୍ରତ୍ୟେକ ଉପକରଣର ସ୍ୱତନ୍ତ୍ର ଗଠନବିଧି ଓ ବ୍ୟବହାର ଅଛି ।

ଧର୍ମ ଆମ ସଂସ୍କୃତିର ବିଶେଷ ଦିଗ । କେତେକ ଧର୍ମ ଆଧାରିତ ଲୋକଉପକରଣର ବ୍ୟବହାର ଅକ୍ଷୁଣ୍ଣ ଥିବା ବେଳେ କେତେକର ବ୍ୟବହାରରେ ସମୟାନୁକ୍ରମେ ପରିବର୍ତ୍ତନ ହୋଇ ଲୁପ୍ତପ୍ରାୟ ହୋଇଗଲାଣି । ତେଣୁ, ବର୍ତ୍ତମାନ ପିଢ଼ିର ବ୍ୟକ୍ତିବିଶେଷ ଏହିସବୁ ଧର୍ମଭିତ୍ତିକ ଲୋକଉପକରଣର ଗଠନ, ଉପଯୁକ୍ତ ବ୍ୟବହାର ଆଦି ସଂପର୍କରେ ଜାଣିବା ନିତାନ୍ତ ଆବଶ୍ୟକ।

**ସୂଚକଶବ୍ଦ:** ଧର୍ମଭିତ୍ତିକ ଲୋକଉପକରଣ, ଷଠୀଘର, ଭୋଗେଇ, ରୁଖା, ମାଟିଦୀପ।

❖❖❖

# ପ୍ରାଚୀନ ଓଡ଼ିଆ ଗ୍ରନ୍ଥରେ ପାରଂପରିକ ଶିକ୍ଷଣ ପ୍ରସଙ୍ଗ

**ଜ୍ୟୋତିପ୍ରଭା ମହାନ୍ତି, ଗବେଷିକା, ଆଇଓସିଏଲ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର**

**ସାରାଂଶ :**

ଶିକ୍ଷଣ ପ୍ରସଙ୍ଗ କହିଲେ ଶିକ୍ଷଣ ପଦ୍ଧତି / ପ୍ରକ୍ରିୟାକୁ ବୁଝାଇଥାଏ । ଓଡ଼ିଶାର ପାରଂପରିକ ଶିକ୍ଷଣ ପଦ୍ଧତି ସଂପର୍କରେ ପଂଚଦଶ ଓ ଷୋଡ଼ଶ ଶତାବ୍ଦୀରେ ରଚିତ ରୁଦ୍ରସୁଧାନିଧି, ସାରଳା ମହାଭାରତ ଓ ଜଗମୋହନ ରାମାୟଣରେ ବର୍ଣ୍ଣନା କରାଯାଇଛି। ପ୍ରାଚୀନ କାଳରେ ଗୁରୁକୁଳାଶ୍ରମ ଏବଂ ଚାଟଶାଳୀରେ ସମୟୋଚିତ ଶିକ୍ଷା ବ୍ୟବସ୍ଥା, ବିଧି ବିଧାନ ତଥା ଉପକରଣର ବ୍ୟବହାର କରାଯାଉଥିଲା ସେସବୁ ସଂପୂର୍ଣ୍ଣ ରୂପେ ଉତ୍କଳୀୟ ତଥା ଭାରତୀୟ ଜ୍ଞାନ ଭଣ୍ଡାରର ଅମୂଲ୍ୟ ସଂପଦ, ଯାହାଦ୍ୱାରା ସେ ସମୟରେ ଶିକ୍ଷା ଦିଆଯାଉଥିବା ଯୁଦ୍ଧବିଦ୍ୟା, ଶାସ୍ତ୍ର ବିଦ୍ୟା, ଧନୁର୍ବିଦ୍ୟା, ଶକୁନଶାସ୍ତ୍ର, ଜ୍ୟୋତିଷଶାସ୍ତ୍ର, ଗଣିତଶାସ୍ତ୍ର, ଯାଗବିଦ୍ୟା ସଂପର୍କରେ ବିଶଦ୍ ଜ୍ଞାନ ହାସଲ କରିବା ସହ ଆଧୁନିକ ଜ୍ଞାନକୌଶଳ ତାହାର ଉପଯୋଗ ମଣିଷକୁ ଶୃଙ୍ଖଳିତ, ସୁସଂହତ, ସୁପରିପକ୍ୱ କରି ଗଢ଼ି ତୋଳିବାରେ ସାହାଯ୍ୟ କରିବ । ଏହାର ଯଥୋପଚିତ ବ୍ୟବହାର ଦ୍ୱାରା ଭାରତୀୟ ଜ୍ଞାନଭଣ୍ଡାରର ମହତ୍ତ୍ୱ ବହୁଗୁଣିତ କରାଯିବା ସହ ମାନବ ସଭ୍ୟତାକୁ ଆତ୍ମନିର୍ଭରଶୀଳ, ଆତ୍ମ ମହିମାରେ ମହିମାଣ୍ଡିତ କରାଯାଇପାରିବ।

**ସୂଚକଶବ୍ଦ:** ଆଖଡା, କୋଷ୍ଠି ଗଣନା, ଗଣ୍ଡଦୋଷ, ସୋଧି ପଣିକିଆ, ଓଡାଙ୍କ

❖❖❖

# ଲୁପ୍ତପ୍ରାୟ ପାରମ୍ପରିକ ବାଉଁଶ ହସ୍ତକଳା

ଡକ୍ଟର ଅଞ୍ଜଳି ପାଢ଼ୀ, ଅବସରପ୍ରାପ୍ତ ସହଯୋଗୀ ପ୍ରଫେସର, ଲୋକସଂସ୍କୃତି ଗବେଷିକା, ନୂଆପଡ଼ା।

**ସାରାଂଶ :**

ଲୋକସଂସ୍କୃତିର ଦୁଇଟି ମୁଖ୍ୟ ଉପାଦାନ। ଗୋଟିଏ ହେଉଛି ମୌଖିକ ପରମ୍ପରା, ଅନ୍ୟଟି ପ୍ରବହମାନତା। ମୌଖିକ ପରମ୍ପରାରେ ବିଭିନ୍ନ ବିଭବ ସଞ୍ଚିତ ହୋଇ ରହିଥାଏ। ପରମ୍ପରାର ଏହି ବିଭବଗୁଡିକ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଅବଲୀଳା କ୍ରମେ ହସ୍ତାନ୍ତରିତ ହେଉଥାଏ। ହସ୍ତାନ୍ତରିତ ହେଉଥିବା ପ୍ରକ୍ରିୟା ମଧ୍ୟରୁ କେତେକ ନୂତନ ଉପାଦାନ ଯୋଡି ହୋଇଯିବା ବେଳେ ଅନ୍ୟ କେତେକ ଅଦରକାରୀ ହୋଇଯାଏ ଏବଂ ସମୟାନ୍ତରରେ ଲୋପ ପାଇଯାଏ। ପାରମ୍ପରିକ ହସ୍ତକଳା ଲୋକସଂସ୍କୃତିର ସମୃଦ୍ଧ ବିଭବ। ନିର୍ଦ୍ଦିଷ୍ଟ ଏକ ଜନଗୋଷ୍ଠୀ, ଗୋଟିଏ ନିର୍ଦ୍ଦିଷ୍ଟ ହସ୍ତକଳାକୁ, ନିଜର ପାରମ୍ପରିକ ଜୀବିକା ରୂପେ ଗ୍ରହଣ କରିଥାନ୍ତି। ବହୁ ପୁରାତନ କାଳରୁ ସେହି କଳା ଜେଜେ, ବାପା ଅମଳରୁ ସହଜ ଭାବରେ ଗଡିଆସୁଥାଏ ନାତି, ଅଣନାତି ପର୍ଯ୍ୟନ୍ତ। କାଠ, ମାଟି, ବାଁଉଶ ଆଦି ପାରମ୍ପରିକ ହସ୍ତକଳାର ମାଧ୍ୟମ ଅଟେ। ଏଗୁଡିକ ପରବର୍ତ୍ତୀ ପିଢ଼ିରେ ଲୁହା, ପିତ୍ତଳ, କଂସା ଆଦି ଧାତୁର ରୂପ ପରିଗ୍ରହଣ କରିଥିଲା ଓ ଲୋକକାରଗର ହସ୍ତନୈପୁଣ୍ୟର ବିଚକ୍ଷଣତା ପ୍ରଦର୍ଶନ କଲା ତଥା ସାମାଜିକ ଜୀବନର ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୋଇଥିଲା। ସମାଜରେ ଏହି ଗୋଷ୍ଠୀ କଂସାର, ଲୋହରା, କୁମ୍ଭାର ଓ ପହରିଆ ନାମରେ ପରିଚିତ। ଆଧୁନିକତାର ସ୍ପର୍ଶ ଓ ପ୍ରଭାବ ଫଳରେ ପାରମ୍ପରିକ ବୃତ୍ତିଗୁଡିକ ବହୁ ସଂଘର୍ଷର ସମ୍ମୁଖୀନ ହେଉଅଛି। କୌଳିକ ବୃତ୍ତି, ପ୍ରତିଭା, ହସ୍ତନୈପୁଣ୍ୟ ଓ ସାମାଜିକ ବିକାଶ, ଶିଳ୍ପଯୋଜନା ସହିତ ତାଳ ମିଳାଇପାରୁନାହିଁ। ଏହି ପ୍ରବନ୍ଧରେ ବାଁଉଶ ହସ୍ତକଳାର ଉପକରଣ ଓ ତା'ର ଆବଶ୍ୟକତା ସମ୍ବନ୍ଧରେ ସମ୍ୟକ୍ ଆଲୋଚନା କରାଯାଇଅଛି ଓ କେଉଁ ପରିସ୍ଥିତିରେ ତାହା କ୍ରମଶଃ ଲୁପ୍ତ ହେବାକୁ ବସିଛି, ତତ୍ ସମ୍ପର୍କରେ ମଧ୍ୟ କିଞ୍ଚିତ୍ ଆଲୋକପାତ କରାଯାଇଛି।

**ସୂଚକଶବ୍ଦ:** ଲୋକ, କୌଳିକ ବୃତ୍ତି, ପ୍ରତିଭା, ହସ୍ତନୈପୁଣ୍ୟ ଓ ସାମାଜିକ ବିକାଶ।

❖❖❖

# ଆଦିବାସୀ ଲୋକ ସଂସ୍କୃତିରେ ବସ୍ତୁକୈନ୍ଦ୍ରିକ ଲୋକ ଉପକରଣ : ଅବଲୁପ୍ତ ଲୋକବାଦ୍ୟ ପ୍ରସଙ୍ଗ

ଡକ୍ଟର ରାଜେନ୍ଦ୍ର ପାଢ଼ୀ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଓଡ଼ିଶା

**ସାରାଂଶ :**

ଲୋକସଂସ୍କୃତି ବା ଲୋକବିଦ୍ୟା ଆଦିମ ମଣିଷର ମାନସିକ କଳାତ୍ମକ ଅଭିବ୍ୟକ୍ତି । ଏଥିରେ ମଣିଷର ଯୁଗ ଯୁଗର ଚିନ୍ତା ଚେତନା, ଅନୁଭୂତି ପ୍ରସୂତ ଜ୍ଞାନ, ସୌନ୍ଦର୍ଯ୍ୟ ବିଳାସ ଆଦି କଳା ଓ ଶିଳ୍ପ ମାଧ୍ୟମରେ ପୁନଃ ଉତ୍ପାଦନ ପ୍ରକ୍ରିୟାରେ ସଂରକ୍ଷିତ ରହିଥାଏ। ଲୋକସମାଜରେ ପ୍ରଚଳିତ ଚାଲିଚଳଣି, ଆଚାରବ୍ୟବହାର, ଅନୁଷ୍ଠାନ ପାଳନ, ପ୍ରଥାପରଂପରା, ଲୋକବିଶ୍ୱାସ, ଲୋକକଳା ଓ ଲୋକକାରିଗରୀ ତଥା ମଣିଷର ସାମଗ୍ରିକ ଜୀବନ ଚର୍ଯ୍ୟାକୁ ଲୋକସଂସ୍କୃତିର ପରିସରଭୁକ୍ତ। ଲୋକଉପାଦାନ ମଧ୍ୟରୁ ଲୋକଙ୍କ ପାରଂପରିକ ଜ୍ଞାନ କୌଶଳରେ ସମୃଦ୍ଧ ଲୋକ କଳା-କାରିଗରୀରେ ପ୍ରସ୍ତୁତ ବସ୍ତୁକୈନ୍ଦ୍ରିକ ଲୋକଉପକରଣ ସଂପର୍କରେ ଏ ଯାବତ ବିଶେଷ ଆଲୋଚନା ଦୃଷ୍ଟି ଗୋଚର ହୋଇ ନାହିଁ। ପ୍ରସ୍ତୁତ ଆଲୋଚନାରେ ଲୋକନାଟ, ନୃତ୍ୟ ଓ ସଙ୍ଗୀତକୁ ରସାଣିତ କରିଆସିଥିବା ଅବିଭକ୍ତ କୋରାପୁଟ ଜିଲ୍ଲାର ଅବଲୁପ୍ତ ପ୍ରାୟ ବାଦ୍ୟ ଯନ୍ତ୍ରର ଆକାର, ଗଠନ, ପ୍ରୟୋଗ ବିଧି ଓ ପ୍ରଚଳିତ ମୌଖିକ ସାହିତ୍ୟ ସଂପର୍କରେ ଆଲୋକପାତ କରାଯାଉଛି ।

**ସୂଚକଶବ୍ଦ:** ଲୋକସଂସ୍କୃତି,ବସ୍ତୁକୈନ୍ଦ୍ରିକ, ଲୋକକାରିଗରୀ, ସ୍ଥାନୀୟ ଜ୍ଞାନକୌଶଳ, ଦେଶୀୟ ବାଦ୍ୟଯନ୍ତ୍ର ।

❖❖❖

# ଆମ ସମାଜବ୍ୟବସ୍ଥାରେ ଲୋକଉପକରଣ

**ଦୀପ୍ତିମୟୀ ସ୍ୱାଇଁ, ଅଧ୍ୟାପିକା, ଓଡ଼ିଆ ବିଭାଗ, ଏସ୍.ଭି.ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁର**

**ସାରାଂଶ :**

ଅତୀତରେ ଓଡ଼ିଶାର ଲୋକମାନେ ବିଭିନ୍ନ ପ୍ରକାରର କୌଳିକ ବୃତ୍ତି ତଥା ହାତରେ ନିଜର ଶ୍ରମ ଦ୍ୱାରା ସ୍ୱଚ୍ଛ ଅର୍ଥ ବ୍ୟୟରେ ନାନା ପ୍ରକାରର ଘରୋଇ ଉପକରଣ ପ୍ରସ୍ତୁତ କରୁଥିଲେ । କିନ୍ତୁ ଯୁଗ ସହିତ ତାଳଦେଇ ଆଧୁନିକତାକୁ ଆପଣେଇ, ଅତ୍ୟାଧୁନିକ ଟେକ୍ନୋଲୋଜିର ଅଗ୍ରଗତି 'ଳରେ ଆମେମାନେ ଏସବୁକୁ ପଛରେ ଛାଡିଦେଲେ । ନିଜେ ଆଗକୁ ବଢ଼ିଲେ ସତ, କିନ୍ତୁ ନିଜର ପରଂପରା, ସଂସ୍କୃତି ସବୁକିଛିକୁ ପଛରେ ପକେଇ ବା ମୃତାବସ୍ଥାରେ ଛାଡିଦେଇ ଯନ୍ତ୍ରପାତିକୁ ନିଜର କରିନେଲେ । ଫଳରେ ପ୍ରଦୂଷଣର ମାତ୍ରା ବଢ଼ିଲା, ଜଳବାୟୁ ସନ୍ତୁଳନ ହରେଇଲା, କୌଳିକ ବୃତ୍ତି ନିଜସ୍ୱ ସୌନ୍ଦର୍ଯ୍ୟ ଓ ପରିଚୟ ହରେଇ ବସିଲା । ଏକବିଂଶ ଶତକର ସମୟ ଖଣ୍ଡରେ ଲୋକ ଉପକରଣ ଘରର ସୌଖିନ ବସ୍ତୁ ବା ଗୋଟେଗୋଟେ ସୋପିସ୍ ହେଲା । ମୋ ନିବନ୍ଧରେ ଆମ ସମାଜ ବ୍ୟବସ୍ଥାରେ ଲୋକଉପକରଣର ସ୍ଥିତି ଆଲୋଚିତ ହେବ ।

**ସୂଚକଶବ୍ଦ :** ଲୋକୋପକରଣ, ଅତୀତ, ଚଳନ୍ତି ଅବସ୍ଥା, ପରମ୍ପରା ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଭାଷାଗତ ବିଶ୍ଳେଷଣ

**ଡ. ବିପ୍ଳବ ରଞ୍ଜନ ପ୍ରଧାନ**
**ସହକାରୀ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି**

**ସାରାଂଶ :**

ଓଡ଼ିଶାର ଲୋକସଂସ୍କୃତି ଓ ଲୋକଜୀବନ ସହ ଗଭୀର ଭାବେ ସଂପୃକ୍ତ ଥିବା ଲୋକଉପକରଣଗୁଡ଼ିକ କେବଳ ଦୈନନ୍ଦିନ ଜୀବନର ସାଧନସାମଗ୍ରୀ ମାତ୍ର ନୁହେଁ; ସେଗୁଡ଼ିକ ଏକ ଜନଗୋଷ୍ଠୀର ଚିନ୍ତନଧାରା, ଅନୁଭୂତି, କାର୍ଯ୍ୟଶୈଳୀ ଓ ଭାଷାର ଜୀବନ୍ତ ପ୍ରତିନିଧି । ଓଡ଼ିଆଭାଷୀ ଲୋକଧାରାରେ ଢେଂକି, ଉଖଳ–ମୁସଳ, ଛାଣ, କୁଲା, ଡୋଲି ପରି ଅନେକ ପାରଂପରିକ ଲୋକଉପକରଣ ସହ ଜଡିତ ଉପକରଣଗୁଡ଼ିକ ଦୀଘର୍କାଳ ଧରି ଗ୍ରାମୀଣ ଜୀବନର ଅଭିନ୍ନ ଅଂଶ ରୂପେ ପ୍ରଚଳିତ ଥିଲା । ସେସବୁ ସହ ଜଡିତ ଶବ୍ଦ, ଧ୍ୱନିରୂପ, ଅର୍ଥବୋଧ ଓ ପ୍ରୟୋଗ ପ୍ରଣାଳୀ ମଧ୍ୟ ଲୁପ୍ତପ୍ରାୟ ହେବାକୁ ଲାଗିଛି ।

ଏହି ପରିପ୍ରେକ୍ଷୀରେ ପ୍ରସ୍ତୁତ ଗବେଷଣା ପ୍ରବନ୍ଧଟି ଓଡ଼ିଶାର କେତେକ ଲୁପ୍ତପ୍ରାୟ ଲୋକଉପକରଣକୁ ଆଧାର କରି ସେଗୁଡ଼ିକର ନାମକରଣ ପ୍ରକ୍ରିୟା, ଧ୍ୱନିଗତ ଗଠନ, ଅର୍ଥବିକାଶ, ରୂପକାତ୍ମକ ପ୍ରୟୋଗ ଓ ସାମାଜିକ-ଭାଷାଗତ ମୂଲ୍ୟକୁ ବିଶ୍ଳେଷଣ କରିଛି । ଏହା ସହିତ ଲୋକଉପକରଣ ଲୁପ୍ତି ଓ ଭାଷା ଲୁପ୍ତିର ମଧ୍ୟରେ ଥିବା ଅନ୍ତଃସଂପର୍କକୁ ଉଦ୍‌ଘାଟନ କରି, ଭାଷା ସଂରକ୍ଷଣ ଓ ସାଂସ୍କୃତିକ ଐତିହ୍ୟ ରକ୍ଷାର ଆବଶ୍ୟକତାକୁ ଉଲ୍ଲେଖ କରାଯାଇଛି । ଏହି ଅଧ୍ୟୟନ ଓଡ଼ିଆ ଭାଷା ଓ ଲୋକସଂସ୍କୃତିର ଗବେଷଣା କ୍ଷେତ୍ରକୁ ସମୃଦ୍ଧ କରିବା ସହ ଜାତୀୟ ପାଠ୍ୟକ୍ରମରେ ଏପରି ବିଷୟର ସାମିଲ ହେବା ପାଇଁ ଏକ ଦୃଢ଼ ଆଧାର ପ୍ରଦାନ କରେ ।

**ସୂଚକଶବ୍ଦ :** ଲୋକଉପକରଣ, ଓଡ଼ିଆ ଭାଷା, ଲୁପ୍ତପ୍ରାୟ ଶବ୍ଦ, ଭାଷାଗତ ବିଶ୍ଳେଷଣ, ଲୋକସଂସ୍କୃତି, ଲୋକଜୀବନ ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଲୋକସଙ୍ଗୀତ ଭିତ୍ତିକ ଆଲୋଚନା

**ଡକ୍ଟର ଲକ୍ଷ୍ମୀପ୍ରିୟା ମଲ୍ଲିକ, ସହକାରୀ ଅଧାପିକା, କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା**

**ସାରାଂଶ:**

ଜନବହୁଳ ରାଜ୍ୟ ଓଡ଼ିଶାରେ ୬୪ ପ୍ରକାର ଆଦିବାସୀ ବସବାସ କରନ୍ତି । ସେମାନଙ୍କର ସଂସ୍କୃତି, ପରଂପରା, ଚାଲିଚଳଣି, ବିବାହ ଆଦି ରହିଛି । ସେମାନେ ସଂପ୍ରଦାୟ ଅନୁସାରେ ଭିନ୍ନ ଭିନ୍ନ ପୂଜା ପର୍ବ ନାଚ ଗୀତ ଆଦି କରିଥାନ୍ତି । ଯଥା : କାନ୍ଦଣା ଗୀତ, ହଳିଆ ଗୀତ, ପର୍ବପର୍ବାଣିରେ ଗାଉଥିବା ଗୀତ ବିଲ ରୁଆ ସମୟରେ ଗାଉଥିବା ଗୀତ ଇତ୍ୟାଦି ଗୀତ ଗାନ କରାଯାଇଥାଏ। ବିବାହ ସମୟରେ ଝିଅ ନିଜ ବାପା ମା ଙ୍କୁ ଛାଡ଼ି ଅନ୍ୟ ଘରକୁ ଯାଇଥାଏ ସେହିସମୟରେ ଝିଅଟି ବାହୁନି ବାହୁନି କାନ୍ଦୁଥାଏ। ଅତୀତରେ ହଳ କରିବା ସମୟରେ ଚାଷୀ ବଳଦକୁ କଷ୍ଟ ନ ହେବା ପାଇଁ ଅତି ସୁନ୍ଦର ଭାବରେ ଗୀତ ବୋଲିଥାନ୍ତି । ଅତୀତରେ ବା ବାପ ଅଜାଙ୍କ କାଳରେ ଯେଉଁ ସବୁ ଗୀତ ଗୁଡିକୁ ଗାନ କରାଯାଉଥିଲା ସେହିସବୁ ଆଉ ଦେଖିବାକୁ ମିଳୁନାହିଁ ।

**ସୂଚକଶବ୍ଦ:** ସଂସ୍କୃତି, ପରଂପରା, ଲୋକଲୋକସଙ୍ଗୀତ, ବିବାହ, ପୂଜାପର୍ବ, ହଳିଆଗୀତ, ବିଲରୁଆ।

❖❖❖

# ବୃତ୍ତିଗତ ଜୀବନ ଚଳଣି : ଲୁପ୍ତପ୍ରାୟ ଲୋକୋପକରଣ

**ଅଧ୍ୟାପିକା ରଜନୀଗନ୍ଧା ପତି, ବି. ଏନ. ଏମ. ଏ କଲେଜ, ପାଳିଆବିନ୍ଧା, ଭଦ୍ରକ**

ସାରାଂଶ:

ଭାରତବର୍ଷର ଏକ ପ୍ରାଚୀନ ସାଂସ୍କୃତିକ ରାଜ୍ୟ ଓଡ଼ିଶାରେ ଲୋକଜୀବନ, ଲୋକକଳା, ଲୋକସଂସ୍କୃତି ଓ ବୃତ୍ତିଗତ ଜୀବନଚର୍ଯ୍ୟା ସମାଜ ଜୀବନର ମୂଳ ଆଧାର ଥିଲା। ଗତ କିଛି ଶତାବ୍ଦୀ ଧରି ଓଡ଼ିଶାର ଗ୍ରାମ୍ୟ ସମାଜରେ ଯେଉଁ ସମସ୍ତ ଲୋକଉପକରଣ ବ୍ୟବହୃତ ହୋଇଆସୁଥିଲା, ସେଗୁଡିକ ମାନବ ଜୀବନର ଦୈନନ୍ଦିନ କାର୍ଯ୍ୟକୁ ସହଜ କରୁଥିଲା। କିନ୍ତୁ ଆଧୁନିକତା, ଯାନ୍ତ୍ରିକୀକରଣ ଓ ଶିଳ୍ପାୟନ ପ୍ରଭାବରେ ଏହି ଲୋକଉପକରଣ ଗୁଡିକ ଆଜି ଲୁପ୍ତପ୍ରାୟ ହୋଇଆସୁଛି।

ଓଡ଼ିଶାର ପାରଂପରିକ ଲୋକଜୀବନ ଏହାର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ପରଂପରା ସହ ଗଭୀର ଭାବରେ ଜଡିତ, ଯେଉଁଠାରେ ଗ୍ରାମୀଣ ଲୋକମାନେ ନିଜ ଜୀବନ ଜୀବିକା ପାଇଁ ବିଭିନ୍ନ ପାରଂପରିକ ଉପକରଣ ଓ ବାଦ୍ୟ ବ୍ୟବହାର କରୁଥିଲେ । ଏହି ଉପକରଣଗୁଡ଼ିକ ତାଙ୍କ ଦୈନନ୍ଦିନ କାର୍ଯ୍ୟ, ଧାର୍ମିକ କାର୍ଯ୍ୟକ୍ରମ, ଲୋକନୃତ୍ୟ, ଲୋକଗୀତ ଓ ଉତ୍ସବର ଅଂଗ ଥିଲା । ପାରଂପରିକ ଚାଷ ପ୍ରଣାଳୀରେ ହଳ, କୋଦାଳ, ଲଂଗଳ, ଦେଉଁଳି ପରି ଉପକରଣ ବ୍ୟବହୃତ ହୋଇଥିଲା। ଲୋକନୃତ୍ୟ ଓ ସଂଗୀତରେ ଢୋଲ, ମାଦଳ, ନିଶାନ, ହାଣ୍ଡି, ମହୁରି ପରି ବାଦ୍ୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଥିଲା । ଶିଳ୍ପକଳା ଓ କାରିଗରୀ କ୍ଷେତ୍ରରେ କୁମ୍ଭାର, ଲୋହାର, ବଂଶକାର, ସୁନାର ପରି ବୃତ୍ତିଜୀବୀମାନେ ନିଜ ନିଜ ପାରଂପରିକ ଉପକରଣ ଉପରେ ନିର୍ଭର କରୁଥିଲେ। ତାଙ୍କର କଳା ଓ ଦକ୍ଷତା ପିଢ଼ିରୁ ପିଢ଼ିକୁ ପ୍ରଚଳିତ ହୋଇ ଆସୁଥିଲା।

**ସୂଚକଶବ୍ଦ:** ଲୋକଉପକରଣ, ପାରଂପରିକ ଲୋକଜୀବନ, ବୃତ୍ତିଗତ ଚଳଣି, ଓଡ଼ିଆ ସଂସ୍କୃତି, ଲୁପ୍ତପ୍ରାୟ ବୃତ୍ତି।

❖❖❖

# ଆମ ଘରକରଣା ଓ ଲୁପ୍ତପ୍ରାୟ ଲୋକଉପକରଣ

ପ୍ରିୟଙ୍କା ପ୍ରିୟଦର୍ଶନୀ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା

**ସାରାଂଶ:**

ସଭ୍ୟତା ବଦଳିଲେ ଚଳଣି ଓ ଅନେକ ପାରମ୍ପରିକ ଜିନିଷର ବ୍ୟବହାର ମଧ୍ୟ ବଦଳେ। କେଉଁ ଦୂର ଅତୀତରୁ ସଂଗ୍ରାମ କରି ଆଦିମ ମଣିଷ ଆଜିର ଅତ୍ୟାଧୁନିକ ମଣିଷ ଭାବରେ କ୍ରୀୟାଶୀଳ ହୋଇପାରିଛି। ଆଜିର ମଣିଷ ସମୟ କ୍ରମେ ଅତୀତର ଚଳଣିକୁ ଛାଡି ଚାଲିଛି। ନୂଆ ଚଳଣି ସହିତ ଅଭ୍ୟସ୍ତ ହେଉଛି। ଅତୀତର ଲୋକ ଜୀବନଚର୍ଯ୍ୟାରେ ବ୍ୟବହୃତ ହେଉଥିବା ଅନେକ ପ୍ରକାରର ଲୋକଉପକରଣ ଆଜିର ଦିନରେ ଅପ୍ରଚଳିତ ହେବା ସ୍ୱାଭାବିକ। ମାତ୍ର ଏସବୁର ଅନ୍ତରାଳରେ ରହିଥିବା ସଂସ୍କୃତିଟି କ୍ଷତ ବିକ୍ଷତ ହୋଇ ପଡୁଛି। ଟ୍ରାକ୍ଟର ଓ ପାୱାର ଟିଲର ପ୍ରଭୃତି ଯନ୍ତ୍ରର ପ୍ରୟୋଗ ଫଳରେ ହଳ, ଲଙ୍ଗଳ, ଜୁଆଳି, ମଇ, ପାଞ୍ଚଣ, ଲଙ୍ଗଳ ଦଉଡି ଇତ୍ୟାଦିର ପ୍ରଚଳନ ଆଉ ନାହିଁ। ଗାଡି ମଟର ଆସିବା ଫଳରେ ଶଗଡକୁ ଲୋକେ ଭୁଲି ଗଲେଣି। ଆଗାମୀ ପିଢି ପାଇଁ ଏହା ବିଷୟରେ ଜାଣିବା ଆଉ ସମ୍ଭବ ନୁହେଁ। କୌଳିକ ବୃତ୍ତି କ୍ରମରେ ଏକଦା ଅନେକ ଲୋକ ଉପକରଣ ପ୍ରସ୍ତୁତି ହେଉଥିଲା। ଏହାକୁ ଜୀବିକା କରି ମଧ୍ୟ ଲୋକମାନେ ଜୀବିକା ଜୀଉଁଥିଲେ। ଫଳରେ ସାମାଜିକ ବ୍ୟବସ୍ଥାର ପାରସ୍ପରିକ ନିର୍ଭରଶୀଳତା ଓ ଏକ ପ୍ରକାରର ସମ୍ପୃକ୍ତି ରହୁଥିଲା।

**ସୂଚକ ଶବ୍ଦ :** ଶିଳ, ଚକି, ପାହୁରାଣି, ଖଲ, ହେଂସ, ବଟୁଆ, ଲଙ୍ଗଳ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : କୁଟିଆ କନ୍ଧଙ୍କ ଲୋକବାଦ୍ୟ

ଦୟା ସିଂ ମାଝୀ, ଗବେଷକ, କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**ସାରାଂଶ:**

କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ବ୍ଲକ୍ ଏବଂ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ୍‌ରେ ବସବାସ କରୁଥିବା କନ୍ଧ ଆଦିବାସୀଙ୍କ ଏକ ଉପଗୋଷ୍ଠୀ ହେଉଛନ୍ତି କୁଟିଆ କନ୍ଧ । କୁଟିଆ କନ୍ଧ ଜନଜାତିର ଲୋକବାଦ୍ୟଗୁଡ଼ିକ ତାଙ୍କର ଧାର୍ମିକ ଆଚାର, ପୂଜାପର୍ବ, ନୃତ୍ୟ, ଗୀତ ଓ ସାମାଜିକ କାର୍ଯ୍ୟକ୍ରମ ସହିତ ଗଭୀର ଭାବେ ଜଡ଼ିତ । ସଲପ, ଢ଼ାପ୍, ତାସା, ମହୁରୀ, ମାଦଳ ପରି ବାଦ୍ୟଗୁଡ଼ିକ କେବଳ ମନୋରଞ୍ଜନର ସାଧନ ନୁହେଁ ବରଂ ସେମାନଙ୍କ ଜୀବନ ଭାବନା ଓ ପରମ୍ପରାର ପ୍ରତିବିମ୍ବ । ଏହି ବାଦ୍ୟ ଗୁଡ଼ିକ ସାଧାରଣତଃ ଜଙ୍ଗଲରୁ ମିଳୁଥିବା କାଠ, ବାଉଁଶ, ପଶୁଚର୍ମ, ସଲପ ଗଛ ଓ ପ୍ରାକୃତିକ ସାମଗ୍ରୀ ଦ୍ୱାରା ତିଆରି କରାଯାଏ । ପୂର୍ବେ ଯେଉଁ ବାଦ୍ୟଗୁଡ଼ିକ ପ୍ରତ୍ୟେକ ପର୍ବପର୍ବାଣିର ଅଂଶ ଥିଲା, ଆଜି ସେଗୁଡ଼ିକ କେବଳ କିଛି ବୃଦ୍ଧ କଳାକାରଙ୍କ ମଧ୍ୟରେ ସୀମିତ ହୋଇ ରହିଛି । ଏହି ଗବେଷଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୁଟିଆକନ୍ଧ ଜନଜାତିର ଲୋକବାଦ୍ୟଗୁଡ଼ିକର ପରିଚୟ, ଗୁରୁତ୍ୱ ଓ ବର୍ତମାନ ସ୍ଥିତିକୁ ଆଲୋକିତ କରିବା ।

**ସୂଚକଶବ୍ଦ:** କୁଟିଆ କନ୍ଧ, ଲୋକବାଦ୍ୟ, ଲୁପ୍ତପ୍ରାୟ ଲୋକଉପକରଣ, ଓଡ଼ିଶାର ଆଦିବାସୀ ସଂସ୍କୃତି।

❖❖❖

# ଲୋକକ୍ରୀଡ଼ା ଓ ପାରଂପରିକ ଜ୍ଞାନ: ଏକ ଅନନ୍ୟ ଭାରତୀୟ ପରିଚିତି

**ସଞ୍ଜୟ କୁମାର ବାଗ**

**ଅଧ୍ୟକ୍ଷ, ପୂର୍ବାଂଚଳ ଭାଷାକେନ୍ଦ୍ର, ଲକ୍ଷ୍ମୀସାଗର, ଭୁବନେଶ୍ୱର**

**ସାରାଂଶ:**

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୭ ମଇ ୨୦୧୮ରେ ତାଙ୍କର ମାସିକ ରେଡ଼ିଓ କାର୍ଯ୍ୟକ୍ରମ "ମନ୍ କି ବାତ୍"ର ୪୪ତମ ସଂସ୍କରଣରେ ପିଠୁ, ଖୋ-ଖୋ, ଗିଲିଦଣ୍ଡା, ନଟୁ, ଗୁଡ଼ି ଉଡ଼ାଣ ଆଦି କିଛି ଖେଳର ନାମ ନେଇ କହିଥିଲେ ଯେ ଏହି ଖେଳଗୁଡ଼ିକ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ । ଆମ ଦେଶର ବିବିଧତାରେ ଅନ୍ତର୍ନିହିତ ଏକତା ଏହି ଖେଳଗୁଡ଼ିକରେ ଦେଖାଯାଇପାରେ । ଶାରୀରିକ କ୍ଷମତା, ତାର୍କିକ ଚିନ୍ତାଧାରା, ଏକାଗ୍ରତା, ସତର୍କତା ଏବଂ ସାମାଜିକ ସଂହତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ ତଥା ଏହି ଖେଳଗୁଡ଼ିକ ଲୋକଙ୍କୁ ସମାଜ, ପରିବେଶ ଓ ଅନ୍ୟାନ୍ୟ କ୍ଷେତ୍ର ବିଷୟରେ ଆମକୁ ସଚେତନ କରେ, ଅତଏବ ଖେଳଗୁଡ଼ିକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। "ଖେଳ ସମସ୍ତଙ୍କ ପାଇଁ" –ଏହି ଉଦାରତା କେବଳ ଲୋକକ୍ରୀଡ଼ା ହିଁ ପୂରଣ କରିଥାଏ । ଲୋକକ୍ରୀଡ଼ା ଏକ କଳା ଓ ସାଂସ୍କୃତିକ ପରିପ୍ରକାଶ । ଐତିହାସିକ, ସାମାଜିକ, ଓ ସାଂସ୍କୃତିକ ଅବବୋଧ ରୂପେ ଲୋକକ୍ରୀଡା ପ୍ରାଚୀନକାଳରୁ ମାନବ ଜୀବନ ସହ ସଂପର୍କିତ । ଏଗୁଡିକ ପୂର୍ଣ୍ଣତଃ ବ୍ୟକ୍ତିଗତ କୌଶଳପ୍ରସୂତ । ଅନ୍ୟ କଳାତ୍ମକ ପରିପ୍ରକାଶ ପରି ଏହା କେବଳ ସୌନ୍ଦର୍ଯ୍ୟବୋଧ ତଥା ମାନସିକ, ରୁଚିବାଚକ ନୁହେଁ, ଦୈହିକ ଓ ମାନସିକ ବିକାଶ ପାଇଁ ମଧ୍ୟ ଉଦ୍ଦିଷ୍ଟ । ଅନ୍ୟାନ୍ୟ ଦେଶ ପରି ଭାରତରେ ମଧ୍ୟ ଲୋକକ୍ରୀଡ଼ା ପରିବେଷଣର ପରଂପରା ପ୍ରାଚୀନ । ଚଉପାର, ଜ୍ଞାନପଟ ବା ବୈକୁଣ୍ଠପାଲି, ବାଘଛେଳି ଭଳି ଗୃହ ପରିସରରେ ଖେଳାଯାଉଥିବା ପଟିଖେଳଗୁଡ଼ିକ ବାହ୍ୟକ୍ରୀଡ଼ା। ବାଟି, ବେଟେଙ୍ଗ, ଛୋର, ଗିଲିଦଣ୍ଡା, ପିଠୁ, କସାଡ଼ି ଭଳି କ୍ରୀଡ଼ା ପ୍ରାଙ୍ଗଣରେ ଖେଳାଯାଉଥିବା ଖେଳଗୁଡ଼ିକ ଆଦିର ପରଂପରା ପ୍ରାଚୀନ । ମହାଭାରତ, ଭାଗବତପୁରାଣ, ସ୍କନ୍ଦପୁରାଣ, ବିଭିନ୍ନ ମନ୍ଦିରଗାତ୍ର, ଓ ଶିଳାଲେଖରେ ଏହି ଖେଳଗୁଡ଼ିକ ବିଷୟରେ ଉଲ୍ଲେଖ ଦେଖିବାକୁ ମିଳେ, ତଥା ଓଡ଼ିଶା ବାହାରେ ଭାରତର ଅନ୍ୟାନ୍ୟ ଅଂଚଳରେ ମଧ୍ୟ ଦେଖିବାକୁ ମିଳେ। ସେହିପରି ଆମେ ଲୋକକ୍ରୀଡ଼ାରେ ପାରଂପରିକ ଜ୍ଞାନର ପ୍ରସାର ଦେଖିବାକୁ ପାଇଥାଉ। ଗୋଷ୍ଠୀଗତ ଜୀବନଯାପନ, ପାରସ୍ପରିକ ସଂପର୍କର ଅଭିବୃଦ୍ଧି, ଦୈନନ୍ଦିନ ଜୀବନଶୈଳୀ ଓ ବିଭିନ୍ନ କର୍ମକୁଶଳତାର ଅନୁକରଣ କରିବାରେ ଓ ପ୍ରାକୃତିକ, ସାମାଜିକ ଓ ସାଂସ୍କୃତିକ ପରଂପରା ସହିତ ପରିଚିତ ହେବାରେ, ସାମାଜିକ ଐକ୍ୟ,ସହନଶୀଳତା ଓ ପାରସ୍ପରିକ ସଂପର୍କର ମୂଲ୍ୟବୋଧକୁ ବୁଝିବାରେ ସହାୟକ ହୋଇଥାଏ । ବିଭିନ୍ନ ପ୍ରକାରର ନିର୍ମାଣ କୌଶଳ, ପରିମାପ, ଗଣନା ସଂପର୍କିତ ଜ୍ଞାନ, ସ୍ମୃତିଶକ୍ତିର ବିକାଶ ଉପରେ ଗୁରୁତ୍ୱପୂର୍ଣ୍ଣ ଭାବେ ସହାୟକ ହୋଇଥାଏ । ଲୋକକ୍ରୀଡ଼ାର ପରିବେଷଣ ଆମକୁ ପରୋକ୍ଷରେ ଆମର ପାରଂପରିକ ସାମାଜିକତା ଓ ଅବବୋଧଗୁଡ଼ିକର ଶିକ୍ଷଣ ଭୂମି ଭାବରେ କାର୍ଯ୍ୟ କରିଥାଏ ।

**ସୂଚକଶବ୍ଦ:** ଲୋକକ୍ରୀଡ଼ା, ପାରଂପରିକ କ୍ରୀଡ଼ା, ପାରଂପରିକ ଜ୍ଞାନ, କ୍ରୀଡ଼ା ଉପକରଣ, ପ୍ରାଚୀନତା, ଶିକ୍ଷଣ, ସାମାଜିକତା, ପରିଚିତି

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ପାରଂପରିକ ବାଣିଜ୍ୟ ଓ ବିପଣନ ଉପକରଣ

**ପ୍ରଫେସର ବଭ୍ରୁବାହନ ମହାପାତ୍ର, ଏସ୍‌ଡ଼ି-୧୫, ଆଶାକିରଣବାଟିକା, ବରଗୋଡ଼ା, ବରଗଡ଼**

**ସାରାଂଶ:**

ବିସ୍ମୟ ବିଶ୍ୱରେ ଗୋଟିଏ କଥା ନିଧାର୍ଯ୍ୟ ସତ୍ୟ ପ୍ରତ୍ୟେକ ବସ୍ତୁ ଦିନେ ନା ଦିନେ କ୍ଷୟପ୍ରାପ୍ତ ହୁଏ । ସମୟର ବିବର୍ତ୍ତନ ଧାରାରେ ପ୍ରାଣୀ ହେଉ ବା ବସ୍ତୁ ହେଉ ମୃତ୍ୟୁର କରାଳ ଗର୍ଭରେ ବିଲୀନ ହୁଏ। କାରୁକାର୍ଯ୍ୟର କୋଣାର୍କ ଭଗ୍ନ ହୁଏ, କୋଠାଘର ଭୁଶୁଡେ, ବୁଢ଼ା ହେଲେ ଗଛ ଶୁଖିଯାଏ ଓ ମରିଯାଏ। ମାଛ ଓ ମାଛି ସବୁରି ମୃତ୍ୟୁ ଅଛି । ମାନବ ତ ସହଜେ ଏକ ମୃଣ୍ମୟ ସତ୍ତା। ଧ୍ୱଂସ ସ୍ତୁପ ଉପରେ ନୂଆ ସଭ୍ୟତା ଗଢି ଉଠେ। ଏହି ଧାରାରେ ଆମର ପାରଂପରିକ ଲୋକଉପକରଣ କ୍ଷୟପ୍ରାପ୍ତ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା। ଐତିହାସିକ ଅନୁଶୀଳନ ପ୍ରକ୍ରିୟାକୁ ଅବଗତ ହେବା ପାଇଁ ଲୋକ ଉପକରଣର ଗବେଷଣା ଏକ ପ୍ରାସଙ୍ଗିକ ବିଷୟ। ଏହା ଅତୀତକୁ ସଞ୍ଜୀବିତ କରେ, ନୂତନ ପିଢ଼ିକୁ ପୁରାତନ ଧାରା ସଂପର୍କରେ ଅବଗତ କରାଏ ଓ ପ୍ରେରଣା ଯୋଗାଏ। ପ୍ରାଚୀନ ଜୀବନଧାରା ଠାରୁ ଆଜିର ଜୀବନ କେତେକାଂଶରେ ସୁଖମୟ ହୋଇଛି କିନ୍ତୁ ସଭ୍ୟତା ସମୃଦ୍ଧ ହୋଇନାହିଁ। ଏହି ନ୍ୟାୟରେ, ଆମ ଭାରତୀୟ ପରଂପରା ଓ ଲୋକଧାରାରେ ରହି ଆସିଥିବା ବହୁ ଉପାଦେୟ ବସ୍ତୁ ଏବଂ ବ୍ୟବହାର୍ଯ୍ୟ ଉପକରଣ ଆଜି ଲୁପ୍ତ ଓ ନିଶ୍ଚିହ୍ନ। ଏଣୁ ବହୁ ପ୍ରାଚୀନ କାଳରୁ ଲୋକ ଜୀବନ ସହିତ ସେହି ଅମୂଲ୍ୟ ଉପକରଣ ସବୁ ଆମର ଦୈନନ୍ଦିନ ଜୀବନ ପ୍ରକ୍ରିୟା ଓ ବିକାଶଧାରାକୁ କିପରି ପ୍ରଭାବିତ କରି ରଖିଥିଲା, ସେ ସଂପର୍କରେ ସମ୍ୟକ ଆଲୋଚନା କରାଯାଇପାରେ।

**ସୂଚକଶବ୍ଦ:** ଅତୀତ ଚଳଣି, ଆଧୁନିକ ଜୀବନଧାରା, ଲୋକୋପକରଣ, ଐତିହାସିକ ପ୍ରକ୍ରିୟା ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଧର୍ମତାତ୍ତ୍ୱିକ ବିବେଚନା

**ଡକ୍ଟର ହରପ୍ରିୟା ସେଠୀ, ଧାମନଗର ମହାବିଦ୍ୟାଳୟ, ଭଦ୍ରକ**

**ସାରାଂଶ:**

ଓଡ଼ିଆ ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତିର ବିଶେଷ ଅଂଶ। ଏଠାରେ ପ୍ରତିଟି ବସ୍ତୁ ବା ଉପକରଣ ମଧ୍ୟରେ ଦେବତ୍ୱ ଆରୋପ କରାଯାଇଥାଏ । ଓଡ଼ିଆ ଜୀବନବୋଧ ପ୍ରକୃତି ପରମେଶ୍ୱରଙ୍କ ଏକ ଅପୂର୍ବ ସମନ୍ୱୟ । ଆମର ପାରଂପରିକ ଲୋକଉପକରଣଗୁଡିକ କେବଳ ଜୀବନ ନିର୍ବାହର ସାଧନ ନଥିଲା, ବରଂ ସେଗୁଡିକ ଥିଲା ଓଡ଼ିଆ ସଂସ୍କାର ବିଶ୍ୱାସ ଓ ଧର୍ମଚେତନାର ବାହକ ଓ ମାଟିର ମହକ। ଢ଼ିଙ୍କିର ଶବ୍ଦରେ ମଙ୍ଗଳର ସ୍ୱର, ଲଙ୍ଗଳମୁନରେ ଧରିତ୍ରୀର ସେବା ଏବଂ ଶଗଡ଼ ଚକର ଗତିରେ ସଂସାରର ନିରନ୍ତରତା ପ୍ରତିଫଳିତ ହେଉଥିଲା । ଓଡିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ଲୋକୋପକରଣ ଗୁଡିକ କେବଳ ବ୍ୟବହାର୍ଯ୍ୟ ବସ୍ତୁ ନୁହନ୍ତି ବରଂ ଆମ ପରଂପରା ଓ ବିଶ୍ୱାସର ଏକ ଅଭିନ୍ନ ଅଙ୍ଗ।

**ସୂଚକଶବ୍ଦ:** ଢ଼ିଙ୍କି, ଶଗଡ଼, ଲଙ୍ଗଳ, ଧର୍ମଚେତନା, ସଂସ୍କାର।

❖❖❖

# ଓଡ଼ିଶାର ଜନଜାତି ସମରକଳାର ସାଂସ୍କୃତିକ ବିଭବ

**ସତ୍ୟ ନାରାୟଣ ମାଝୀ, ଗବେଷକ**

**ଡ.ନିବେଦିତା ମହାନ୍ତି, ଅସୋସିଏଟ୍ ପ୍ରଫେସର, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

**ସାରାଂଶ:**

ପ୍ରାଚୀନକାଳରୁ ଜନଜାତିମାନେ ଜଙ୍ଗଲ ଓ ପର୍ବତ ଅଂଚଳରେ ବସବାସ କରୁଥିବାରୁ ଆତ୍ମ ରକ୍ଷା ଓ ସମୁଦାୟ ସୁରକ୍ଷା ପାଇଁ ବିଭିନ୍ନ ସମରକଳା ଶିଖିଥିଲେ। ଏହି ସମରକଳାରେ ଧନୁ-ତୀର, ବର୍ଚ୍ଛା, ଟାଙ୍ଗିଆ, ତଳୱାର, ଭାଲା, ଲାଠି ଓ ଅନ୍ୟାନ୍ୟ ପାରମ୍ପରିକ ଅସ୍ତ୍ର ବ୍ୟବହାର କରୁଥିଲେ। ଯୁଦ୍ଧ ସହିତ, ଶାରୀରିକ କୌଶଳ, ଶିଷ୍ଟାଚାର ଓ ସାହସକୁ ବିକାଶ କରିବାର ଏକ ମାଧ୍ୟମ ଭାବେ ମଧ୍ୟ ଗଣ୍ୟ। ଅନେକ ସମୟରେ ଏହି ସମରକଳା ନୃତ୍ୟ, ପର୍ବ-ପର୍ବାଣି ଓ ଧାର୍ମିକ ଆଚାର ସହିତ ଗାଢ଼ଭାବେ ଜଡିତ ହୋଇ ସାଂସ୍କୃତିକ ଅଭିବ୍ୟକ୍ତିର ରୂପ ଦେଇଥାଏ। ସ୍ୱାଧୀନତା ସଂଗ୍ରାମ ସମୟରେ ମଧ୍ୟ ଜନଜାତି ସମରକଳା ଆତ୍ମରକ୍ଷା ଓ ବିରୋଧ ପ୍ରତିରୋଧର ଏକ ଶକ୍ତିଶାଳୀ ଉପାୟ ହୋଇଥିଲା। ଏହା ତାଙ୍କର ସ୍ୱାଭିମାନ, ସାହସ ଓ ସଂଘଟିତ ଶକ୍ତିକୁ ପ୍ରକାଶ କରେ। ଏହା ଓଡ଼ିଶାର ଜନଜାତି ସମାଜରଐତିହ୍ୟ, ସାହସ ଓ ସଂସ୍କୃତିର ପ୍ରତିଫଳନ। ଜନଜାତି ସମର କଳା ହେଉଛି ଓଡ଼ିଶାର ଲୋକସଂସ୍କୃତିର ଏକ ଗୌରବମୟ ଅଂଶ, ଯାହା ତାଙ୍କର ଐତିହ୍ୟ, ପରମ୍ପରା ଓ ଜୀବନ ସଂଘର୍ଷକୁ ସ୍ପଷ୍ଟ ଭାବେ ପ୍ରତିବିମ୍ବିତ କରେ।

**ସୂଚକଶବ୍ଦ:** ଧନୁ, ତୀର, ଭାଲା, ସ୍ୱାଧୀନତାସଂଗ୍ରାମ, ଗରିଲା ଯୁଦ୍ଧ ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ 'ସଉରା ଲୋକବାଦ୍ୟ': ଏକ ଆଲୋଚନା

**ନକୁଳ ମଣ୍ଡଳ, ଗବେଷକ**

**ଡ.ନିବେଦିତା ମହାନ୍ତି, ଅସୋସିଏଟ୍ ପ୍ରଫେସର, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

**ସାରାଂଶ:**

ସଂସ୍କୃତିସଂପନ୍ନ ରାଜ୍ୟ ଓଡ଼ିଶାରେ ୬୪ ପ୍ରକାର ଆଦିବାସୀଙ୍କ ମଧ୍ୟରୁ ୧୩ଟି ଆଦିମ ଜନଜାତି ଦେଖାଯାଆନ୍ତି। ସେମାନଙ୍କ ମଧ୍ୟରୁ ସଉରା (ଶବର) ଜନଜାତି ଏକ ପ୍ରାଚୀନ ଜନଜାତି। ସଉରାମାନଙ୍କ ଜୀବନଶୈଳୀ, ଚିତ୍ରକଳା ଓ ସଙ୍ଗୀତ ପରମ୍ପରା ଓ ଲୋକଉପକରଣ ଓଡ଼ିଶାର ଲୋକସଂସ୍କୃତିକୁ ସମୃଦ୍ଧ କରିଛି। ସେମାନଙ୍କ ପାରମ୍ପରିକ ନୃତ୍ୟ, ସଂଗୀତ, ବାଦ୍ୟ ସାମାଜିକ ଜୀବନରେ ଏକ ଅବିଚ୍ଛେଦ୍ୟ ଅଙ୍ଗ। ନୃତ୍ୟ ଓ ସଂଗୀତ ମଧ୍ୟରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ, ଆନନ୍ଦକୁ ବହୁଗୁଣିତ କରେ-'ଲୋକବାଦ୍ୟ'। ଲୋକବାଦ୍ୟଗୁଡ଼ିକ ପ୍ରାକୃତିକ ସାମଗ୍ରୀ ଯଥା- କାଠ, ବାଉଁଶ, ପଶୁଚର୍ମ ଓ ଧାତୁରୁ ତିଆରି ହୁଏ ଓ ବିଭିନ୍ନ ସମାଜିକ ପର୍ବପର୍ବାଣି, ଉତ୍ସବ ଓ ଧାର୍ମିକ ଅନୁଷ୍ଠାନରେ ବ୍ୟବହୃତ ହୁଏ । ସଉରାଲୋକବାଦ୍ୟ ସଉରାଲୋକଙ୍କ ଆସ୍ଥା, ପାରଂପରିକ ଜୀବନଶୈଳୀ ଓ ସାମୁଦାୟିକ ଏକତାର ପ୍ରତୀକ । ଆଲୋଚ୍ୟ ପ୍ରବନ୍ଧରେ ସଉରା ଲୋକବାଦ୍ୟର ପରିଚୟ, ସାମାଜିକ ଉପଯୋଗିତା ଓ ଏହାର ସୁରକ୍ଷାର ପ୍ରୟାସ ଏହାର ମୁଖ୍ୟ ଉଦ୍ଦେଶ୍ୟ।

**ସୂଚକଶବ୍ଦ:** ସଉରା ଜନଜାତି, ସଂସ୍କୃତି, ବାଦ୍ୟଯନ୍ତ୍ର, ପ୍ରକୃତି, ପରମ୍ପରା, ଉତ୍ସବ, ବିବାହ, ମୃତ୍ୟୁବିଶ୍ୱାସ।

❖❖❖

## ସମ୍ପାନଲିପି

# ଓଡ଼ିଶାର ଲୁପ୍ତପ୍ରାୟ କୃଷି ଲୋକଉପକରଣ

**ଅରୁଣ କୁମାର ପାତ୍ର, ଅରବିନ୍ଦ ମାର୍ଗ, ପ୍ରାଚୀନ ନଗର, ଭଦ୍ରକ**

**ସାରାଂଶ:**

କୃଷି ହେଉଛି ମଣିଷର ଆଦିବୃତ୍ତି। ପ୍ରାଚୀନ ପ୍ରସ୍ତର ଯୁଗରେ ବିଭିନ୍ନ ପ୍ରକାର ପ୍ରସ୍ଥର କୃଷିରେ ବ୍ୟବହୃତ ହେଉଥିଲା। ଲୌହଯୁଗରେ ମଧ୍ୟଅନେକ କୃଷି ଉପକରଣ କୃଷିକାର୍ଯ୍ୟରେ ଲାଗୁଥିଲା। ହଳ, ଲଙ୍ଗଳ, ମଇ, ବିଦା, ଯୁଆଳି, ତେଣ୍ଡା, ଯନ୍ତ, ସେଣା, କୋଡି, କୋଦାଳ, କାଙ୍କ, ଦାଆ, ଶାବଳ, କୁଲା,ଅମାର, ଓଳିଆ, ଡୁଣ୍ଡି ଓ ଟିପା ପ୍ରଭୃତି ବିଭିନ୍ନ କୃଷି ଉପକରଣ ପାରମ୍ପରିକ ଲୋକଉପକରଣ ଭାବରେ ଦେଖାଦେଉଥଲା। ଆଧୁନିକ କୃଷି ପ୍ରଣାଳୀରେ ଏସବୁ ଆଉ ଦୃଶ୍ୟ ହେଉନାହିଁ। ଏସବୁ ଏବେ ସଂଗ୍ରହାଳୟର ସମ୍ପତ୍ତି ପାଲଟିଛି।

**ସୂଚକଶବ୍ଦ:** ସେଣା, କୋଡି, କୋଦାଳ, କାଙ୍କ, ଦାଆ, ଶାବଳ।

❖❖❖

# କନ୍ଧ ଜନଜାତିର ଲୁପ୍ତପ୍ରାୟ ଲୋକବାଦ୍ୟ: ଏକ ସାଂସ୍କୃତିକ ମୁଲ୍ୟାଙ୍କନ

**ମୋହନ କୁମାର ପାଙ୍ଗି, ଗବେଷକ**

**ଡ଼ ନିବେଦିତା ମହାନ୍ତି, ଆସୋସିଏଟ୍ ପ୍ରଫେସର, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶର**

**ସାରାଂଶ:**

ଓଡ଼ିଶାର କନ୍ଧ ଜନଜାତିଙ୍କ ଭାଷା ସଂସ୍କୃତି ତଥା ସାମାଜିକ ଚଳଣି ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ। କନ୍ଧ ଜନଜାତି ମଧ୍ୟରେ ଅନ୍ୟ ଜନଜାତିଙ୍କ ଭଳି ବିଭିନ୍ନ ପର୍ବପର୍ବାଣି, ଯାନିଯାତ୍ରା ଓ ଉତ୍ସବ ଅନୁଷ୍ଠାନରେ ମୁଖ୍ୟ ଅବଲମ୍ବନ ହେଉଛି ନୃତ୍ୟଗୀତ। ଏଥିରେ ନାରୀ ଓ ପୁରୁଷ ଉଭୟ ଅଂଶଗ୍ରହଣ କରିଥାନ୍ତି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବାଦ୍ୟଯନ୍ତ୍ର ସେମାନଙ୍କ ପାଇଁ ନିରନ୍ତର ନେଇ ଆସେ ପ୍ରାଣ ପ୍ରାଚୁର୍ଯ୍ୟର ସମ୍ଭାବନା। ଜନଜାତିର ସାମାଜିକ ଓ ସାଂସ୍କୃତିକ ପରମ୍ପରାରେ ମଣିଷ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକବାଦ୍ୟର ଆବଶ୍ୟକ ପଡ଼ିଥାଏ। ଗୃହଠାରୁ ଆରମ୍ଭ କରି ପର୍ବପର୍ବାଣି, ବିବାହ, ଯାନିଯାତ୍ରା, ଶିକାର, ବାର୍ତ୍ତାପ୍ରଚାର ଆଦି ଅନେକ ମନୋରଞ୍ଜନ ସ୍ଥାନରେ ବାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଗୀତ ଓ ନୃତ୍ୟ ପରି ବାଦ୍ୟ ମଧ୍ୟ କନ୍ଧ ଜନଜାତିଙ୍କ ଜୀବନଧାରା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

କନ୍ଧ ଜନଜାତିର ସଂସ୍କୃତିରେ ପ୍ରତ୍ୟେକଟି ବିଭାଗ ସହିତ ବାଦ୍ୟଯନ୍ତ୍ରର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। କନ୍ଧ ଜନଜାତିର ସାମାଜିକ ରୀତିନୀତି, ଧର୍ମୀୟବିଶ୍ୱାସ, ନୃତ୍ୟଗୀତ ଓ ମୌଖିକ ଲୋକସାହିତ୍ୟ ପରମ୍ପରାକ୍ରମେ ଲୋକମୁଖରେ ଉଜ୍ଜୀବିତ ହୋଇ ରହିଆସିଛି। ବର୍ତ୍ତମାନ ଲୁପ୍ତପ୍ରାୟ ବାଦ୍ୟଯନ୍ତ୍ର ଗୁଡ଼ିକ ନୃତ୍ୟ ଓ ଗୀତ ସହିତ ଓତଃପ୍ରୋତଭାବେ ଜଡ଼ିତ।

**ସୂଚକଶବ୍ଦ:** କନ୍ଧ ଜନଜାତି, ବାଦ୍ୟଯନ୍ତ୍ର, କନ୍ଧ ସଂସ୍କୃତି, କନ୍ଧ ପରମ୍ପରା, ନୃତ୍ୟଗୀତ ।

❖❖❖

# ଲୁପ୍ତପ୍ରାୟ ଲୋକଉପକରଣ : ଚୁକୁଟିଆ ଭୁଞ୍ଜିଆ ଜନଜାତିର ଲୋବାଦ୍ୟ

ଜାଗସେନ ନାୟକ, ଗବେଷକ, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶର

**ସାରାଂଶ:**

ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଚୁକୁଟିଆ ଭୁଞ୍ଜିଆ ଜନଜାତିର ଲୋକଗୀତ ବିଷୟଟି ଓଡ଼ିଶାର ଜନଜାତୀୟ ସାଂପ୍ରଦାୟିକ ଐତିହ୍ୟକୁ ଉଜାଗର କରେ। ଚୁକୁଟିଆ ଭୁଞ୍ଜିଆ ଜନଜାତି ନିଜସ୍ୱ ଭାଷା, ପରଂପରା ଓ ସଂସ୍କୃତିରେ ସମୃଦ୍ଧ ସେମାନଙ୍କର ଲୋକଗୀତରେ ପ୍ରକୃତିପ୍ରେମ, ଆଦିମ ଜୀବନଶୈଳୀ, ଆଚାର-ବିଚାର ଓ ସାମୁଦାୟିକ ଏକତାର ପ୍ରତିଫଳନ ଦେଖିବାକୁ ମିଳେ । ବିବାହ, ପର୍ବପର୍ବାଣି, କୃଷିକାର୍ଯ୍ୟ ଓ ଧାର୍ମିକ ଅନୁଷ୍ଠାନରେ ଏହି ଗୀତଗୁଡ଼ିକ ଲୋକବାଦ୍ୟ ସହିତ ବୋଲାଯାଏ।

**ସୂଚକଶବ୍ଦ:** ବିବାହ, ପର୍ବପର୍ବାଣି, କୃଷିକାର୍ଯ୍ୟ।

❖❖❖

# କନ୍ଧ ଜନଜାତିର କଳା ଓ କାରିଗରୀ

ହୃଷିକେଶ କହଁର, ଗବେଷକ, କିସ୍ ମାନିତ ବିଶ୍ୱବିଦ୍ୟାଳୟ,ଭୁବନେଶ୍ୱର

**ସାରାଂଶ :**

ଓଡ଼ିଶାରେ ଅନେକ ପ୍ରକାର ଆଦିବାସୀ ମଧ୍ୟରୁ କନ୍ଧ ଆଦିବାସୀ ହେଉଛନ୍ତି ଅନ୍ୟତମ । ଏମାନେ ଓଡ଼ିଶାର ବଣ ଜଙ୍ଗଲ ଅଂଚଳରେ ବସବାସ କରିଥାନ୍ତି । କନ୍ଧ ଆଦିବାସୀ ସମାଜରେ ଅନେକ ପ୍ରକାର ସଂସ୍କୃତି ଓ ପରଂପରା ପାଳିତ ହୁଏ। ସେଥି ମଧ୍ୟରୁ ତାଙ୍କର କଳା ଓ କାରିଗରୀ ହେଉଛି ଅନ୍ୟତମ । ସେମାନେ ଏହା ମାଧ୍ୟମରେ ନିଜର ସଂସ୍କୃତି, ପରଂପରା ରଖି ଜୀବନ ନିର୍ବାହ କରିଥାନ୍ତି, ଯାହା ତାଙ୍କର ପରିଚୟ ପ୍ରଦାନ କରିବାରେ ସହାୟକ ହେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

**ସୂଚକଶବ୍ଦ :** ଚିଟାକୁଟା, ଖଞ୍ଜଣି, ଜୁଆଡ଼ି, ଲଙ୍ଗଳ, ଚାଙ୍ଗିରି, ଠିଡ଼ିକା, ଡୋଲି, ବୁରୁଡ଼ା, ଜୁରୁସି, ଡଲା ଇତ୍ୟାଦି ।

❖❖❖

# ଓରାଓଁ ସମ୍ପ୍ରଦାୟରେ ଲୁପ୍ତପ୍ରାୟ ଲୋକଉପକରଣ : ସଂକ୍ଷିପ୍ତ ଆକଳନ

କୌଶଲ୍ୟା ପଟ୍ଟନାଏକ, ଗବେଷକ, କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର।

**ସାରାଂଶ:**

ଭାରତବର୍ଷର ଏକ ପ୍ରମୁଖ ଆଦିବାସୀ ଓରାଓଁ ସମ୍ପ୍ରଦାୟର ଜୀବନଶୈଳୀ ପ୍ରକୃତି ସହ ଅତ୍ୟନ୍ତ ଘନିଷ୍ଠ ଭାବେ ସମ୍ପର୍କିତ। ପ୍ରାଚୀନ କାଳରୁ ସେମାନେ ନିଜ ଦୈନନ୍ଦିନ ଜୀବନ, କୃଷିକାର୍ଯ୍ୟ, ପର୍ବପର୍ବାଣି ଓ ସାମୁଦାୟିକ କାର୍ଯ୍ୟରେ ବିଭିନ୍ନ ପାରମ୍ପରିକ ଉପକରଣ ବ୍ୟବହାର କରୁଥିଲେ । ଯଥା- ଘରୋଇ ସାମଗ୍ରୀ, ସଙ୍ଗୀତ ଉପକରଣ, କୃଷି ଉପକରଣ, ଶିକାର ଉପକରଣ, ହସ୍ତଶିଳ୍ପ ଉପକରଣ ଇତ୍ୟାଦି । କିନ୍ତୁ ଆଧୁନିକତା ପ୍ରଭାବରେ ଏହି ଲୋକ ଉପକରଣ ଗୁଡ଼ିକ ଲୁପ୍ତପ୍ରାୟ ହେଉଛି, କାରଣ ଆଧୁନିକ ଯନ୍ତ୍ର ବ୍ୟବହାର, ଜୀବନଶୈଳୀର ପରିବର୍ତ୍ତନନ ଓ ପରମ୍ପରାଗତ ଜ୍ଞାନର ଅବହେଳା ହେଉଛି ମୁଖ୍ୟ ପ୍ରସଙ୍ଗ । ତେଣୁ ଏଗୁଡ଼ିକର ସଂରକ୍ଷଣ ଓ ପୁନଃଉଦ୍ଧାର ଆବଶ୍ୟକ, ଯାହା ମାଧ୍ୟମରେ ଓରାଓଁ ସମ୍ପ୍ରଦାୟରେ ଐତିହ୍ୟ ଓ ପରମ୍ପରାକୁ ଆଗାମୀ ପିଢି ପର୍ଯ୍ୟନ୍ତ ପହଂଚାଇବା ତାହା ମୋ ପ୍ରବନ୍ଧରେ ସ୍ଥାନ ଦିଆଯିବ ।

**ସୂଚକଶବ୍ଦ:** ଓରାଓଁ, ଲୋକ ଉପକରଣ, ସଂସ୍କୃତି, ଜୀବନଶୈଳୀ, ଆଧୁନିକତା ଇତ୍ୟାଦି ।

❖❖❖

# ପଶ୍ଚିମ ଓଡ଼ିଶାର ଲୋକକ୍ରୀଡ଼ା ବିଚାର

ଡ଼. ସୁଚିତ୍ରା ମହାନ୍ତି
ଅଧ୍ୟାପିକା, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା

**ସାରାଂଶ:**

ଲୋକକ୍ରୀଡ଼ା ଏକ ସାମାଜିକ ପ୍ରକ୍ରିୟା । ଏହା ଲୋକସଂସ୍କୃତିର ଏକ ସ୍ୱୟଂସଂପୂର୍ଣ୍ଣ ବିଭବ ଓ ଜୀବନର ପ୍ରାଣସ୍ପନ୍ଦନ । ଓଡ଼ିଶାର ଲୋକକ୍ରୀଡ଼ା, ଓଡ଼ିଶାବାସୀଙ୍କୁ ନିଜର ଅସ୍ତିତ୍ୱ, ଅସ୍ମିତା, ସାମୂହିକ ଚେତନା ସହ ପୁନଃ ପରିଚିତ କରାଇଥାଏ । ଋତୁଚକ୍ର ସହ ଖେଳର ସଂପର୍କ, କ୍ରୀଡ଼ା ସଙ୍ଗୀତର ସାହିତ୍ୟିକ ମୂଲ୍ୟ, ପାରସ୍ପରିକ ସଂପର୍କର ଅଭିବୃଦ୍ଧି, ମନୋରଞ୍ଜନ କରିବାର ଏକ ଉତ୍କୃଷ୍ଟ ମାଧ୍ୟମ । ଗୋଷ୍ଠୀଗତ ଜୀବନଯାପନର ପ୍ରୟାସ, ସାମାଜିକ ସ୍ୱୀକୃତି ଏବଂ ବିନା ବ୍ୟୟବହୁଳ ଉପକରଣରେ ସୃଷ୍ଟି ହୋଇଥିବା ନିର୍ମଳ ଆନନ୍ଦର ସ୍ୱରୂପ ଏଠାରେ ମୁଖ୍ୟ ପ୍ରସଙ୍ଗ ଭାବେ ଗୃହୀତ । ସାଂପ୍ରତିକ ସଭ୍ୟତାରେ ଲୁପ୍ତପ୍ରାୟ ହୋଇଯାଉଥିବା ପାରଂପରିକ ଲୋକକ୍ରୀଡ଼ା ଗୁଡ଼ିକ ଲୋକଲୋଚନକୁ ଆଣିବା ସହିତ ସଂରକ୍ଷଣ ବ୍ୟବସ୍ଥା ଏବଂ ଆଗାମୀ ଯୁବପିଢ଼ି ପାଇଁ ତାହା କିପରି ଉପାଦେୟ ହୋଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିବା ଏହି ବିଷୟର ମୁଖ୍ୟସ୍ୱର । ଏହା ସହିତ ଏହି ନିବନ୍ଧଟି ଓଡ଼ିଶାର ମାଟି ଓ ମଣିଷର ଆତ୍ମିକ ସଂପର୍କକୁ ଲୋକକ୍ରୀଡ଼ା ମାଧ୍ୟମରେ ପୁନଃ ଆବିଷ୍କାର କରିବାର ଏକ ବିନମ୍ର ପ୍ରୟାସ ।

**ସୂଚକଶବ୍ଦ:** ପଶ୍ଚିମଓଡିଶା, ଲୋକକ୍ରୀଡ଼ା, ମୁକ୍ତପ୍ରାଙ୍ଗଣ, କସାଡ଼ି, ବାଗଛେଲ,ବାଟି,ପୁଚି, ସୂତାକୁଲେନ୍, ଅନୁକରଣ ।

❖❖❖

# ସାନ୍ତାଳ ଜନଜାତିଙ୍କ ଲୁପ୍ତପ୍ରାୟ ଲୋକକ୍ରୀଡା 'କାତି' : ସଂକ୍ଷିପ୍ତ ଆଲୋଚନା

ବସନ୍ତ ମୁର୍ମୁ, ଗବେଷକ, କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**ସାରାଂଶ:**

ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରରେ ବସବାସ କରୁଥିବା ସାନ୍ତାଳ ଜନଜାତି ସାନ୍ତାଳମାନଙ୍କର ପ୍ରକୃତିକ ଜୀବନଧାରା ସହିତ ଗଭୀର ଭାବରେ ଜଡ଼ିତ ଓ ସେମାନଙ୍କର ନୃତ୍ୟ, ସଙ୍ଗୀତ, ପର୍ବପର୍ବାଣି ଓ ଲୋକକ୍ରୀଡା ସାମାଜିକ ଜୀବନର ଏକ ଅଖଣ୍ଡ ଅଂଶ । ଏହି ପାରଂପରିକ ଲୋକକ୍ରୀଡାମାନଙ୍କ ମଧ୍ୟରୁ "କାତି" ଏକ ଗୁରୁତ୍ୱପୂର୍ଣ୍ଣ ଖେଳ । "କାତି" ହେଉଛି ଏକ ସରଳ ଗ୍ରାମୀଣ ରୋମାଂଚକ ଖେଳ । ଏହା ପାଇଁ ଏକ ଛୋଟ କାଠର ଖଣ୍ଡ (କାତି) ଓ ଏକ ଲମ୍ବା ବାଡି ବ୍ୟବହୃତ ହୁଏ । ଖେଳାଳି ଛୋଟ କାଠଟିକୁ ମାଟିରେ ରଖି ଲମ୍ବା ବାଡି ସାହାଯ୍ୟରେ ଦୂରକୁ ଗୋଡରେ ମାରିଥାନ୍ତି । ପ୍ରତିପକ୍ଷ ଦଳ ଏହାକୁ ଦେଖୁଥାଏ ଏବଂ ତାହାର ଅଙ୍କକୁ ଗଣିଥାଏ । ଏହିପରି ଭାବେ ଦଳୀୟ ଭିତ୍ତିରେ ଖେଳ ଚାଲିଥାଏ ଓ ଅଧିକ ଅଙ୍କ ପାଇଥିବା ଦଳ ବିଜୟୀ ହୁଏ । ଗ୍ରାମ୍ୟ ପରିବେଶରେ ସହଜରେ ମିଳୁଥିବା କାଠି ଓ ମାଟିଆ ମଇଦାନ ହିଁ ଏହାର ଆଧାର । "କାତି" ଖେଳ ଶାରୀରିକ ଶକ୍ତି, ଚାପଲ୍ୟ, ସମନ୍ୱୟ ଓ ଦଳୀୟ ଭାବନା ବିକାଶ କରେ ।

**ସୂଚକଶବ୍ଦ:** କାତି, କ୍ରିଡା, ଆଦିବାସୀ, ପରଂପରା, ଲୁପ୍ତପ୍ରାୟ

❖❖❖

# ସାରଳା ମହାଭାରତରେ ଓଡ଼ିଶାର ଲୁପ୍ତପ୍ରାୟ ଲୋକବାଦ୍ୟ

୧. ଦେବବ୍ରତ ପାଢ଼ୀ, ଗବେଷକ, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ
୨. ଡଃ ବିଜୟଲକ୍ଷ୍ମୀ ଦାଶ, ଆସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

**ସାରାଂଶ:**

ଓଡ଼ିଶାର ସମାଜ ଜୀବନ,  ସାଂସ୍କୃତିକ ଜୀବନଧାରାର ଚଳନ୍ତି ଜ୍ଞାନକୋଷ ହେଉଛି ସାରଳା ମହାଭାରତ । ସେଥିପାଇଁ କୁହାଯାଏ- "ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ" । ସାରଳା ମହାଭାରତରେ ଓଡ଼ିଶାର ଲୁପ୍ତପ୍ରାୟ ବହୁ ଲୋକବାଦ୍ୟର ବର୍ଣ୍ଣନା ପ୍ରଦତ୍ତ । ସେସବୁ ଲୋକବାଦ୍ୟର ମହତ୍ୱ ଓ ବର୍ଣ୍ଣନାକୁ ନେଇ ଏହି ଆଲୋଚନାଟି ପ୍ରସ୍ତୁତ ହୋଇଛି ।

**ସୂଚକଶବ୍ଦ:** ସାରଳା ମହାଭାରତ, ଲୋକବାଦ୍ୟ, ଲୁପ୍ତ, ସାଂସ୍କୃତିକ ଜୀବନ, ଜ୍ଞାନକୋଷ ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ବିଭାବ ଓ ବିଭାବନା

ଡକ୍ଟର ଜ୍ୟୋତ୍ସ୍ନାରାଣୀ କର
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼

**ସାରାଂଶ:**

ସଂସ୍କୃତି ଭିତରେ ଗୋଟିଏ ଜାତିର ସ୍ପନ୍ଦନ ଅନୁରଣିତ ହେଉଥାଏ । ତେଣୁ କୌଣସି ଜାତିକୁ ଭଲରେ ଜାଣିବା ପାଇଁ ତାର ସଂସ୍କୃତିର ଅନୁଶୀଳନ ଏକାନ୍ତ ଅପରିହାର୍ଯ୍ୟ। ଯୁଗ ଯୁଗରୁ ଅନ୍ତର ମଧ୍ୟରେ ଅନ୍ତଃ ସଲୀଳା 'ଫଲ୍‌ଗୁ ଭଳି ପ୍ରବାହିତ ଧାରାଟି ଲୋକସଂସ୍କୃତିରେ ଅତି ମଞ୍ଜୁଳ ବର୍ଣ୍ଣବିଭାରେ ପ୍ରକଟିତ ହୋଇ ରହିଥାଏ। ଲୋକୋପକରଣଗୁଡିକ ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ପାଇଁ ଏବଂ ଲୋକମାନଙ୍କର ସର୍ଜନଶୀଳ ପ୍ରତିଭାର ନିଛକ ନିଦର୍ଶନ। ଜନ୍ମଠାରୁ ମୃତ୍ୟୁ, ଶୈଶବରୁ ବାର୍ଦ୍ଧକ୍ୟ, ସକାଳରୁ ରାତି ପର୍ଯ୍ୟନ୍ତ ଜୀବନର ପ୍ରତି ପଦକ୍ଷେପରେ ଏହି ଉପକରଣଗୁଡ଼ିକ ଜୀବନ ଧାରଣର ଅଂଶ ହୋଇ ରହିଥାଏ। ଲୋକଉପକରଣଗୁଡିକ କେମିତି ମଣିଷର ସାମାଜିକ, ସାଂସ୍କୃତିକ, ମନସ୍ତାତ୍ତ୍ୱିକ ସ୍ଥିତିକୁ ପ୍ରଭାବିତ କରିଥାନ୍ତି ଏବଂ ଏଗୁଡ଼ିକର ବିଭାଗୀକରଣର ଚିତ୍ର ଏହି ପ୍ରବନ୍ଧ ମାଧ୍ୟମରେ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରାଯାଇଛି। କୃଷିକୈନ୍ଦ୍ରିକ ଆମ ଚଳଣିରେ କୃଷକ ଜୀବନର ଧାରାକୁ ସୁଗମ କରିବା ପାଇଁ ଅନେକ ଉପକରଣ ଚାଷୀଭାଇଟିଏ ବ୍ୟବହାର କରିଥାଏ। କେତେକ ଉପକରଣ ନାରୀ ଜୀବନର ଧାରା ସହ ଜଡ଼ିତ। ନାରୀଟିଏ ବହୁତ ଯତ୍ନରେ ଘରକୁ ସଜାଏ। ଲୋକୋପକରଣର ବିଶେଷତ୍ୱ ହେଉଛି ବାରମ୍ବାର ବ୍ୟବହାର ଉପଯୋଗିତା ଏବଂ ଆଖପାଖରେ ମିଳୁଥିବା ସାମଗ୍ରୀରୁ ଦ୍ରବ୍ୟ ପ୍ରସ୍ତୁତି।

**ସୂଚକଶବ୍ଦ:** ଲୋକସଂସ୍କୃତି, ଲୋକଉପକରଣ, ସାମାଜିକ, ସାଂସ୍କୃତିକ, କୃଷିକୈନ୍ଦ୍ରିକ।

❖❖❖

# ଗଣ୍ଡ ଜନଜାତିର ଭାଷା: ଏକ ଅଧ୍ୟୟନ

**ସନ୍ତୁରାମ ମାଝୀ, ଗବେଷକ, କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

**ସାରାଂଶ:**

ଭାଷାଗତ ଦୃଷ୍ଟିରୁ ଆଦିବାସୀ ଭାଷାମାନଙ୍କୁ ମୁଖ୍ୟତଃ ତିନୋଟି ଶ୍ରେଣୀ—ଇଣ୍ଡୋ-ଆର୍ଯ୍ୟ, ଦ୍ରାବିଡ଼ ଓ ଅଷ୍ଟ୍ରିକରେ ବିଭକ୍ତ କରାଯାଇଛି। ଗଣ୍ଡ ଜନଜାତିର ଭାଷା ଗୋଣ୍ଡି ଦ୍ରାବିଡ଼ ଭାଷାଗୋଷ୍ଠୀର ଅନ୍ତର୍ଭୁକ୍ତ। ଏହାର ନିଜସ୍ୱ ବ୍ୟାକରଣ ଓ ଶବ୍ଦସମୃଦ୍ଧି ରହିଛି, କିନ୍ତୁ ଏପର୍ଯ୍ୟନ୍ତ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନ ପାଇନାହିଁ। ପ୍ରାଚୀନ ସିନ୍ଧୁ ସଭ୍ୟତା ସହ ଗୋଣ୍ଡମାନଙ୍କ ସଂପର୍କ ଥାଇପାରେ। ଓଡ଼ିଶାରେ ଗୋଣ୍ଡି ଭାଷା କେତେକ ଅଂଚଳରେ ମାତୃଭାଷା ଭାବେ ପ୍ରଚଳିତ ହେଲେ ମଧ୍ୟ, ଅନେକ ଗୋଣ୍ଡ ନିଜ ଅଳଂଚଳିକ ଭାଷାରେ କଥାହୁଅନ୍ତି।

**ସୂଚକଶବ୍ଦ:** ଦ୍ରାବିଡ଼, ଅଷ୍ଟ୍ରିକ୍, ଆଦିବାସୀ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଲୋକବାଦ୍ୟ

**ସୁଦର୍ଶନ ସାହୁ, ଗବେଷକ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା।**

ସାରାଂଶ:

ଓଡ଼ିଶାର ପ୍ରତିଟି ଗାଁ ଭୂଇଁରେ ବିଭିନ୍ନ ଓଷାବ୍ରତ, ନୃତ୍ୟ, ସଙ୍ଗୀତ ଆଦି ସମୟରେ ଲୋକମାନେ ମନୋରଞ୍ଜନକୁ ପୂର୍ଣ୍ଣମାତ୍ରାରେ ଉପଭୋଗ କରିବା ନିମନ୍ତେ ଭିନ୍ନ ଭିନ୍ନ ଲୋକବାଦ୍ୟଯନ୍ତ୍ର ବ୍ୟବହାର କରିଥାନ୍ତି। ସେଦିନର ଲୋକବାଦ୍ୟ କେନ୍ଦରା, ନାଉତୁମ୍ବା, ନାଗେଶ୍ୱର, ଖଞ୍ଜଣି, ତୁରୀ, ମହୁରୀ, ଦାସକାଠିଆ ଆଦି ପ୍ରାୟ ଧିରେ ଧିରେ ଲୁପ୍ତ ହେବାକୁ ବସିଲାଣି। ଏଗୁଡ଼ିକର ବ୍ୟବହାର ଏବଂ ତିଆରି କରିବାରର ବିଭିନ୍ନ ଶୈଳୀ କିପରି ଥିଲା ଏ ପିଢିଙ୍କୁ କିଂଚିତ୍ ମାତ୍ରାରେ ସୂଚନା ଦେବାକୁ ନିମ୍ନରେ ପ୍ରୟାସ କରାଯାଇଛି।

**ସୂଚକଶବ୍ଦ:** କେନ୍ଦରା, ନାଉତୁମ୍ବା, ନାଗେଶ୍ୱର, ଖଞ୍ଜଣି, ତୁରୀ, ମହୁରୀ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ସାମାଜିକଦିଗ ବିଚାର

**ଚିତ୍ତରଞ୍ଜନ ସାହୁ, ଗବେଷକ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାରିପଦା।**

**ସାରାଂଶ:**

ଲୋକ ଉପକରଣ ସାଧାରଣତଃ ସାଂସ୍କୃତିକ ଏବଂ ସାମାଜିକ-ଆର୍ଥନୀତିକ ପ୍ରସଙ୍ଗ ଉପରେ ଅତ୍ୟନ୍ତ ନିର୍ଭରଶୀଳ, ଏବଂ ବିଲୁପ୍ତିର ପରିବେଶଗତ ଦିଗଗୁଡ଼ିକ ତୁଳନାରେ ସାଧାରଣତଃ ବହୁତ କମ୍ ଅଧ୍ୟୟନ କରାଯାଇଛି। ଏଠାରେ, ବିଲୁପ୍ତିର ସାମାଜିକ ଦିଗଗୁଡ଼ିକୁ ଚିହ୍ନଟ କରାଯାଉଛି। ତଥ୍ୟ ସହିତ ସାଂସ୍କୃତିକ ଧାରା ପରିମାପ ଏବଂ ନିରୀକ୍ଷଣ କରିବା ଆମ ଉଦ୍ଦେଶ୍ୟ। ବିଲୁପ୍ତିର ବିପଦ ମୂଲ୍ୟାଙ୍କନରେ ସାଂସ୍କୃତିକ ଓ ସାମାଜିକ କାରଣ ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ନୂତନ ସୁଯୋଗ ପ୍ରଦାନ କରୁଛି।

**ସୂଚକଶବ୍ଦ:** ସଂସ୍କୃତି,ସଂରକ୍ଷଣ, ସୁରକ୍ଷା, ଯୋଜନା, ଲୁପ୍ତପ୍ରାୟ

❖❖❖

# ଲୁପ୍ତପ୍ରାୟ ଲୋକକଳା: ଢୁଂପା ସଂଗୀତ

**ଦର୍ପଦଳନ ରଥ, ଗବେଷକ, ଫକୀରମୋହନ ବିଶ୍ୱବିଦ୍ୟାଳୟ**

**ସାରାଂଶ:**

ଜୀବନର ଶ୍ରେଷ୍ଠତମ ସୃଜନଶୀଳ ପରିପ୍ରକାଶ ଛନ୍ଦମୟତା, ଉକୁଟି ଉଠେ ସଂଗୀତରେ। "ଢୁଂପା ସଂଗୀତ' ହେଉଛି ଆମ ଉତ୍କଳ ପ୍ରଦେଶର ଏକ ସ୍ୱତନ୍ତ୍ର କଳା। ପ୍ରାଚୀନ କାଳରେ ଓଡ଼ିଶାର ଅନେକ ଗଡ଼ଜାତ ଅଂଚଳରେ ଏହାର ଆଦୃତି ରହିଥିଲା। ଏବେ ଏହି କଳାଟି ଅଧୁନା ଓଡ଼ିଶାର ମାତ୍ର ଦୁଇଟି ସ୍ଥାନରେ ପରିଲକ୍ଷିତ ହୋଇଥାଏ। ଗୋଟିଏ ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ାଗଡ଼ ଏବଂ ଅନ୍ୟଟି ଗଞ୍ଜାମ ଜିଲ୍ଲାର ବଡ଼ଖେମୁଣ୍ଡି। ଢୁଂପା ହେଉଛି ଏକ ପାରଂପରିକ ବାଦ୍ୟଯନ୍ତ୍ର। ଏହା ସହିତ ପରିବେଷଣ କରାଯାଉଥିବା ସଂଗୀତ ହେଉଛି ଢୁଂପାସଂଗୀତ। ଜନଜାତୀୟ ବାଦ୍ୟଯନ୍ତ୍ର ଭାବରେ ଏହା ପରିଚିତ; ଏଥିସହିତ ଗାନ କରାଯାଉଥିବା ଗୀତଗୁଡ଼ିକ ବିଦଗ୍ଧ ସମାଜରୁ ଆନୀତ। ତେଣୁ ଢୁଂପାସଂଗୀତ ଜନଜାତୀୟ ସଂସ୍କୃତି ଓ ବିଦଗ୍ଧ ସାରସ୍ୱତ ସାଧନାର ମହାମିଳନ। ଉଭୟ ଖଣ୍ଡପଡ଼ା ଓ ବଡ଼ଖେମୁଣ୍ଡି ଅଂଚଳରେ ଏହା ଲୋକବାଦ୍ୟର ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲେ ମଧ୍ୟ ଉଭୟର ପୃଷ୍ଠଭୂମି, ସଂସ୍କୃତି ଓ ପରିବେଷଣ ଶୈଳୀ ଭିନ୍ନ ଭିନ୍ନ।

**ସୂଚକଶବ୍ଦ**: ଢୁଂପା, ବାଉଁଶନଳ, ରାଜମଇ, ଭେଣ୍ଡିଆମର୍ଦ୍ଦଳ, ବକ୍କଳ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ- 'ହୋ' ଭାଷା ପ୍ରସଙ୍ଗ

**ପ୍ରଦୀପ କୁମାର ନାଏକ, ଗବେଷକ, ଡକ୍ଟର ରଶ୍ମିତା ତ୍ରିପାଠୀ, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

**ସାରାଂଶ:**

ଭାଷାବିତ୍‌ମାନଙ୍କ ମତରେ ବୈଦିକ ଯୁଗ ବହୁବର୍ଷ ପୂର୍ବରୁ ଆଦିବାସୀମାନଙ୍କ ସୁସଂଗଠିତ ଉନ୍ନତ ସଭ୍ୟତା ସେମାନଙ୍କ ପାରଂପରିକ ଜ୍ଞାନଶୃଙ୍ଖଳା ଦ୍ୱାରା ସମାଜିକ ବ୍ୟବସ୍ଥା ସହ ଲୋକଜୀବନ ଧାରା ପରିଚାଳିତ ହେଉଥିଲା । ମୂଳ ଆଦିବାସୀଙ୍କ ଜ୍ଞାନ ପରଂପରାରୁ ହିଁ ଆର୍ଯ୍ୟ ସଂସ୍କୃତିର କ୍ରମଶଃ ବିକାଶ ଘଟିଛି। ଆଧୁନିକତାର ମହାସ୍ରୋତରେ ସଂପ୍ରତି ସମଗ୍ରବିଶ୍ୱ କବଳିତ ଓ ଏହାର ପ୍ରଭାବ ଲୋକସଂସ୍କୃତି, ଭାଷା, ସାହିତ୍ୟକୁ ପ୍ରକାଶ କରୁଛି। ସେମାନଙ୍କ ପର୍ବପର୍ବାଣି, ନାଚଗୀତ, ଲୋକବାଦ୍ୟ, ଚିକିତ୍ସାବିଦ୍ୟା, ଗୃହପୋକରଣ, ତଥା ଜୀବନଚଳଣିର ଅନ୍ୟାନ୍ୟ ଦିଗ ଗୁଡ଼ିକ ସଂକଟାପନ୍ନ ଅବସ୍ଥାରେ । ଆଲୋଚନାର ଏହି ବିସ୍ତୃତ ପର୍ଯ୍ୟାୟରେ 'ହୋ' ଜନଜାତିର ବାଦ୍ୟ ପ୍ରସଙ୍ଗକୁ ଏହି ପ୍ରବନ୍ଧ ମାଧ୍ୟମରେ ଉପସ୍ଥାପନା କରାଯାଇଛି ।

**ସୂଚକଶବ୍ଦ**: ସଂସ୍କୃତି, ପରଂପରା, ସଂରକ୍ଷଣ, ଲୋକବାଦ୍ୟ, ଆର୍ଯ୍ୟଭାଷା, ପୁନଃରୁଦ୍ଧାର, ହୋ, ଜନଜାତି ।

❖❖❖

# କୋରାପୁଟ ଅଂଚଳର ଲୁପ୍ତ ପ୍ରାୟ ଲୋକକ୍ରୀଡ଼ା : ଏକ ସଂକ୍ଷିପ୍ତ ଆଲୋଚନା

**ରମେଶ ମାଣ୍ଡିଙ୍ଗା (ଗବେଷକ)**
**ଓଡ଼ିଆ ଭାଷା ସାହିତ୍ୟ ବିଭାଗ, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

**ସାରାଂଶ:**

କ୍ରୀଡ଼ା ପ୍ରାଚୀନ ଯୁଗରୁ ହିଁ ସୃଷ୍ଟି । ଜଣେ ଜଣକୁ ଅତିକ୍ରମ କରିବାର ଉଦ୍ୟମରୁ ହିଁ କ୍ରୀଡ଼ାର ଆରମ୍ଭ ହୋଇଥାଏ । ପ୍ରାଚୀନ କାଳରେ ମନୁଷ୍ୟ ଗୋଷ୍ଠୀଗତ ଜୀବନ ଯାପନ କରି ଆସୁଥିଲା । ଗୋଟିଏ ଗୋଷ୍ଠୀ ସହ ଅନ୍ୟ ଗୋଷ୍ଠୀ ଏକତ୍ର ବସବାସ କରିବାର ଓ ବନ୍ଧୁତାରେ ଯେତେ ବେଳେ ପରାଜୟ ଓ ଜୟର ସ୍ୱାଦ ଚାଖିଲା ଦିନଠାରୁ ମଣିଷ ମନରେ ଲୋକକ୍ରୀଡ଼ା ଆରମ୍ଭ ହେଲା । କ୍ରୀଡ଼ା ଦ୍ୱାରା ଗୋଷ୍ଠୀଗତ ଜୀବନରେ ଥିବା ଅଶାନ୍ତି ମଧ୍ୟ କ୍ରୀଡ଼ା ଦ୍ୱାରା ବନ୍ଧୁତା କରି ଦେଶ ଓ ବିଦେଶ ମଧ୍ୟରେ ଶାନ୍ତି ଆଣୁଥିଲା ।

ଲୋକକ୍ରୀଡ଼ା ଗୁଡ଼ିକ ସାଧାରଣତଃ ଦୁଇ ପ୍ରକାରର ଯଥା- ଆଭ୍ୟନ୍ତରୀଣ ଓ ବାହ୍ୟକ୍ରୀଡ଼ା। ପ୍ରଥମତଃ ଆଭ୍ୟନ୍ତରୀଣ କ୍ରୀଡ଼ାରେ ନିଜର ଜ୍ଞାନ, ଚତୁରତା ବୁଦ୍ଧିକୁ ପ୍ରୟୋଗ କରି କ୍ରୀଡ଼ା ପରିବେଷଣ କରାଯାଏ। ଅନ୍ୟତଃ ବାହ୍ୟକ୍ରୀଡ଼ାରେ ନିଜର ବାହୁବଳକୁ ପ୍ରୟୋଗ କରି କ୍ରୀଡ଼ା ପରିବେଷଣ କରାଯାଇଥାଏ ।

**ସୂଚକଶବ୍ଦ:** ଲୋକକ୍ରୀଡ଼ା, ବାହ୍ୟକ୍ରୀଡ଼ା, ଜନଗୋଷ୍ଠୀ, ସ୍ୱାଦ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଲୋକବାଦ୍ୟ ବିଚାର

**ଡକ୍ଟର ଅମରେଶ ସେନାପତି, ଅଧ୍ୟାପକ**
**ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ବୂର୍ଜା, ଲକ୍ଷ୍ମୀପୁର, କୋରାପୁଟ**

**ସାରାଂଶ:**

ଲୋକକଳା ହେଉଛି ସୌନ୍ଦର୍ଯ୍ୟର ପରିଭାଷା । ଏଣୁ ଲୋକମାନଙ୍କଦ୍ୱାରା ସୃଷ୍ଟି କରାଯାଉଥିବା ଉପକରଣ ହେଉଛି ଲୋକଉପକରଣ । ଏହା ଦେଶଜ ଓ ଗ୍ରାମ୍ୟଭିତ୍ତିକ। ଗାଁ ଗହଳର ସରଳ, ନିରାଡମ୍ବର ଲୋକମାନଙ୍କର ହୃଦୟ ସ୍ପନ୍ଦନରୁ ତଥା ବୃତ୍ତିଗତ ଭାବରେ ଯାହା ପ୍ରକାଶ ପାଏ ତାହା ଲୋକଉପକରଣ । ଲୋକର ସର୍ବନିମ୍ନ ଆବଶ୍ୟକତା ପୂରଣ କରୁଥିବା ଉପକରଣର ନାମ ହେଉଛି ଲୋକଉପକରଣ । ହୃଦୟର ଭାଷାକୁ ମନୋରଞ୍ଜନ କରିବା ପାଇଁ ଯେଉଁ ଯନ୍ତ୍ରଟିର ସାହାରା ନେଇଥାଏ ତାହା ତାର ପରବର୍ତ୍ତୀ ଜୀବନର ଉପକରଣର ମାଧ୍ୟମ ପାଲଟିଯାଏ। ଲୋକଉପକରଣ ହେଉଛି ଜୀବନର ଆନନ୍ଦ ଓ ବ୍ୟବସାୟର କେନ୍ଦ୍ର। ଲୋକଗୀତ, ଲୋକକାହାଣୀ ଓ ଲୋକନାଟକରେ ବିଭିନ୍ନ ଲୋକ ଉପକରଣର ବ୍ୟବହାର ରହିଛି। ଲୋକନାଟକରେ ଲୋକବାଦ୍ୟର ବହୁଳ ବ୍ୟବହାର ହୋଇଥାଏ। ଲୋକବାଦ୍ୟଗୁଡ଼ିକୁ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ କରାଯାଇଥାଏ। ଯଥା - ଢୋଲ, ମୃଦଙ୍ଗ, ବୀଣା, କେନ୍ଦରା, ବଂଶୀ, ତୂରୀ ତଥା ଘଂଟା ଇତ୍ୟାଦି ଲୋକବାଦ୍ୟ। ଓଡ଼ିଆ ସାହିତ୍ୟରେ ଲୋକବାଦ୍ୟର ବର୍ଣ୍ଣନା ରହିଛି।

**ସୂଚକଶବ୍ଦ:** ଲୋକ, ଲୋକବାଦ୍ୟ, ଲୋକଉପକରଣ, ଲୋକସାହିତ୍ୟ, ଓଡିଆସାହିତ୍ୟ

❖❖❖

# ଓଡ଼ିଶାର ପାରମ୍ପରିକ ବୃତ୍ତିଗତ ଜୀବନ ଚଳଣିରେ ବ୍ୟବହୃତ ଲୁପ୍ତପ୍ରାୟ ଲୋକୋପକରଣ

**ଯଶୋବନ୍ତ ପ୍ରଧାନ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

**ସାରାଂଶ:**

ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ପାରମ୍ପରିକ ବୃତ୍ତି ଓ ଏହା ସହିତ ଜଡ଼ିତ ଲୋକୋପକରଣ ଗୁଡ଼ିକ ଜୀବନଜୀବିକାର ମାଧ୍ୟମ ତଥା ଜାତିର ଶିଳ୍ପନୈପୁଣ୍ୟ ଓ ମୌଳିକ ଜ୍ଞାନକୌଶଳ ସହିତ ଜଡ଼ିତ। କୃଷକ, କୁମ୍ଭାର, ତନ୍ତୀ, କର୍ମକାର ଆଦି ବିଭିନ୍ନ ବର୍ଗର ଲୋକେ ନିଜ ନିଜର କୌଳିକ ବୃତ୍ତି କରୁଥିଲେ। ସେମାନଙ୍କ ପାରମ୍ପରିକ ଜୀବନଚଳଣିରେ ସେମାନେ ଅନେକ ଲୋକୋପକରଣ ବ୍ୟବହାର କରୁଥିଲେ। ସେଇ ଉପକରଣ ଗୁଡ଼ିକ ଆଜି ଦେଖାଯାଉନାହିଁ। ସେଗୁଡ଼ିକ ଦର୍ଶାଇବା ଓ ବିଷେଶତ୍ୱ ପ୍ରକାଶ କରିବା ମୋ ନିବନ୍ଧର ଉଦ୍ଦେଶ୍ୟ।

**ସୂଚକ ଶବ୍ଦ :** ହଳ, ଲଙ୍ଗଳ, ମଇ, କୁମ୍ଭାର ଚକ, ଶଗଡ଼ ପଳା ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ: ଭାଷାଗତ ବିଶ୍ଳେଷଣ

**ସ୍ମୃତିରଞ୍ଜନ ସେଠୀ, ଅଧ୍ୟାପକ, ଓଡ଼ିଆ ବିଭାଗ, ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର**

**ସାରାଂଶ:**

ଲୋକଉପକରଣଗୁଡ଼ିକ ଲୋପହେବା ଦ୍ୱାରା ଏହାର ନାମ ଓ ଏହାସହ ଜଡ଼ିତ ଶବ୍ଦଗୁଡ଼ିକ ମଧ୍ୟ ଧୀରେଧୀରେ ଲୋପ ପାଇଯାଉଛି। ଏହି ଲୋପ କାରଣରୁ ଭାଷାଗତ ଗଠନରୂପ ମଧ୍ୟ ପ୍ରୟୋଗହୀନ ହୋଇଯାଉଛି। ଯାହା ଫଳରେ ଓଡ଼ିଆ ଭାଷାର ଶବ୍ଦଭଣ୍ଡାରପାଇଁ ଏକ ଗଭୀର ସମସ୍ୟା ଦେଖାଦେଇଛି। ଏହିଭଳି ବିଷମ ପରିସ୍ଥିତିରେ ସେସବୁକୁ ସଂଗ୍ରହ ଓ ସୁରକ୍ଷା କରିବା ପ୍ରାଥମିକ କାର୍ଯ୍ୟ। ଗୋଟିଏ ଉପକରଣର ନୂତନ ତଥା ଯାନ୍ତ୍ରିକ ବିକଳ୍ପର ଆବିର୍ଭାବ କାରଣରୁ ଉକ୍ତ ଉପକରଣଟି ଅବ୍ୟବହୃତ ହୋଇପଡ଼େ। ଫଳରେ ସମୟର ଗତିରେ ଏହା ନିଜର ଗୁରୁତ୍ୱ ହରାଇ କ୍ରମେ ଲୋପ ପାଇଯାଏ। ଉପକରଣଟିଏ ଲୋପପାଇବା ସହ ଲୋପପାଇଯାଏ ଏହାର ବ୍ୟାବହାରିକ କୌଶଳ, ଏହାର ଶବ୍ଦପୁଞ୍ଜ, ଏହାର ଅତୀତ ଆଉ ସ୍ୱତନ୍ତ୍ରତା। ବୈଦେଶିକ ଶବ୍ଦବହୁଳ ଶବ୍ଦଭଣ୍ଡାରରେ ଓଡ଼ିଆ ଭାଷାର ପ୍ରାଚୀନ ମୌଳିକ ଶବ୍ଦକୁ ସୁରକ୍ଷିତ ରଖିବାକୁ ପଡ଼ିବ।

'ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ: ଭାଷାଗତ ବିଶ୍ଳେଷଣ' ଶୀର୍ଷକରେ ପ୍ରବନ୍ଧ ଉପସ୍ଥାପନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକଉପକରଣ ସମ୍ବଳିତ ପ୍ରାଚୀନ ଶବ୍ଦାବଳୀକୁ ସଂଗ୍ରହ ଓ ସୁରକ୍ଷା ଦେବା। ପ୍ରାଥମିକ ପର୍ଯ୍ୟାୟରେ କ୍ଷୁଦ୍ର କଳେବର ବିଶିଷ୍ଟ ଏ ନିବନ୍ଧରେ ଲୋକଉପକରଣକୁ ନେଇ ଭାଷା ଗବେଷଣା କରିବାର ପରିସରକୁ ବ୍ୟାପକ କରାଇବାପାଇଁ ପ୍ରୟାସ ହୋଇଛି।

ଯଥା:- ବୃ ିଭିତିକ ଉପକରଣ, ଗୃହ ଉପକରଣ, ଧାର୍ମିକ ଉପକରଣ, ତାନ୍ତ୍ରିକ ଉପକରଣ ଇତ୍ୟାଦି। ଏହି ବିଭାଗସବୁକୁ ଭିତ୍ତିକରି ଏଥିରେ ଥିବା ଲୁପ୍ତପ୍ରାୟ ଲୋକଉପକରଣକୁ ସଂଗ୍ରହ କରାଯାଇ ଏହାକୁ ଭାଷା ଦୃଷ୍ଟିରୁ ଆଲୋଚନା କରାଯାଇଛି।ଏ କ୍ଷେତ୍ରରେ ଭାଷାଭିରେ ଲୋକଉପକରଣର ସଂରକ୍ଷଣ ଦିଗରେ ସହାୟ ହେବବୋଲି ଆଶା।

**ସୂଚକଶବ୍ଦ:** ଉପକରଣ, ଶବ୍ଦଭଣ୍ଡାର, ଶବ୍ଦାର୍ଥ, ଭାଷା, ଲୋକସାହିତ୍ୟ, ମୂଳରୂପ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକକଳା : ଢୁଂପା ସଙ୍ଗୀତ

ବବୁଲ ନାୟକ, ଗବେଷକ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

**ସାରାଂଶ:**

ଢୁଂପାସଙ୍ଗୀତ ହେଉଛି ବାଦ୍ୟ ଓ ସଙ୍ଗୀତ ପ୍ରଧାନ ଭିତ୍ତିକ ଏକ ଲୋକକଳା । ଏହା ହେଉଛି ଜନଜାତିଭିତ୍ତିକ ଏକ ବାଦ୍ୟ ଉପକରଣ । ଏହା ଏକଦା ବିଭିନ୍ନ ଗଡ଼ଜାତମାନଙ୍କରେ ରାଜପୃଷ୍ଠପୋଷାକତା ଲାଭ କରିଥିଲା । ସାଧାରଣତଃ ଓଡ଼ିଶାରେ ଖଣ୍ଡପଡ଼ା ଓ ଦିଗପହଣ୍ଡି ଏ ଦୁଇଟି ସ୍ଥାନରେ ଢୁଂପା ସଙ୍ଗୀତ ଦେଖିବାକୁ ମିଳେ । ଢୁଂପାବାଦ୍ୟର ଅର୍ଥ କିନ୍ତୁ ଉଭୟ ସ୍ଥାନରେ ଭିନ୍ନ ଭିନ୍ନ । ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ଅଂଚଳରେ ରାଜମଇ ବା ଭେଣ୍ଡିଆମର୍ଦ୍ଦନ ଗଛର ବକଳ ଓ ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଅଂଚଳରେ ବ୍ୟବହୃତ ବାଉଁଶରୁ ସୃଷ୍ଟ ବାଦ୍ୟକୁ ବୁଝାଏ । ଢୁଂପାବାଦ୍ୟ ସହ ତାଳ ଦେଇ ଯେଉଁ ସଙ୍ଗୀତ ବୋଲାଯାଏ ତାହା ହେଉଛି ଢୁଂପା ସଙ୍ଗୀତ । ଏହା ବର୍ଷାହେବା, ଶିକାର କରିବା କାଳରେ ପରିବେଷିତ ହୋଇଥାଏ । ଏହାର ପରିବେଷଣ ପାଇଁ ୧୪ ରୁ ୧୫ ଜଣ କଳାକାରମାନଙ୍କର ଆବଶ୍ୟକ ହୋଇଥାଏ ଏହାର ବିଷୟବସ୍ତୁ ହେଉଛି ରାଧାକୃଷ୍ଣ ଆଧାରିତ । ଏଥିରେ ଥିବା ଆଧିକାଂଶ ସଙ୍ଗୀତ ଆଦି ରସାତ୍ମକ ।

**ସୂଚକଶବ୍ଦ:** ଢୁଂପା ସଙ୍ଗୀତ, ଖଣ୍ଡପଡ଼ା , ଦିଗପହଣ୍ଡି , ରାଧାକୃଷ୍ଣ, ଗଡ଼ଜାତ, ବଣ ଜଙ୍ଗଲ, ଆଦିବାସୀ, ଜାଇଫୁଲ।

❖❖❖

# ଢେଙ୍କାନାଳର କ୍ରମଲୁପ୍ତ ଲୋକୋଉପକରଣ

ଶିବପ୍ରସାଦ ସାହୁ, ଛାତ୍ର, ଶାନ୍ତିନିକେତନ

**ସାରାଂଶ:**

ମହାନ୍ ଭାରତୀୟ ସଂସ୍କୃତିକୁ ନେଇ ଆମର ଲୋକକଳା ଓ କାରିଗରୀର ଜନ୍ମ। ସେହିପରି ଓଡ଼ିଶା ପ୍ରଦେଶର ପରିଚୟ ଏହାର କଳା ଓ କାରିଗରୀରେ ନିହିତ । ଓଡ଼ିଶାର ଲୋକକାରିଗରୀ ଏହାର ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ, ଧାର୍ମିକ ପରଂପରା ଏବଂ ଗ୍ରାମୀଣ ଜୀବନ ଶୈଳୀର ଜୀବନ୍ତ ପ୍ରତିଫଳନ ।

ଶତାବ୍ଦୀ ଶତାବ୍ଦୀ ଧରି କାରିଗରମାନେ ସେମାନଙ୍କର ନିପୁଣ ହାତର ସ୍ପର୍ଶରେ ମାଟି, ଧାତୁ, ପଥର, କପଡ଼ାରେ ଅତି ସୁନ୍ଦର କଳାକୃତିରେ ରୂପାନ୍ତରିତ କରି ଆସୁଛନ୍ତି । ଓଡ଼ିଶାର ଏହି କାରିଗରୀ ବିଶେଷ କରି ଶ୍ରୀ ଜଗନ୍ନାଥ ସଂସ୍କୃତି ଠାରୁ ଆଦିବାସୀ ସଂସ୍କୃତି ପର୍ଯ୍ୟନ୍ତ ଗଭୀର ଭାବରେ ଜଡିତ । ଢେଙ୍କାନାଳ ଜିଲ୍ଲା ଓଡ଼ିଶାର ଏକ ପ୍ରମୁଖ ଲୋକ କାରିଗରୀ କେନ୍ଦ୍ର । ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଅତୁଳନୀୟ ଲୋକ କାରିଗରୀ ପାଇଁ ସମଗ୍ର ବିଶ୍ୱରେ ପରିଚିତ ହୋଇଛି । ଏହି ଜିଲ୍ଲାର କାରିଗରୀ କେବଳ ଏକ ଜୀବିକା ନୁହେଁ, ବରଂ ଏହା ପିଢ଼ି ପରେ ପିଢ଼ି ଚାଲିଆସୁଥିବା ଏକ ପାରଂପରିକ କଳା ।

**ସୂଚକଶବ୍ଦ:** ଢୋକ୍ରା ଶିଳ୍ପ, କଂସା ବାସନ ଶିଳ୍ପ, ଖଞ୍ଜଣି, ଢୋଲ, କେନ୍ଦେରା, ପାଳ ନିର୍ମିତ କଳାକୃତି।

❖❖❖

# ଆମ ଲୁପ୍ତପ୍ରାୟ ଐତିହ୍ୟ: ଜୀବନ-ଯାନକୁ ଚାଳିତ କରୁଥିବା 'ଶଗଡ଼'

**ଜୟନ୍ତ କର ଶର୍ମା, ପ୍ରାକ୍ତନ ପ୍ରଫେସର, ହିନ୍ଦୀ ବିଭାଗ**

**ସାରାଂଶ:**

ବିଶିଷ୍ଟ ଲୋକସଂସ୍କୃତିଗବେଷକ ଡକ୍ଟର ଅଜୟ କୁମାର ମିଶ୍ରଙ୍କ ମତରେ "ସଂସ୍କୃତିର ମୂଳ ଲୋକସଂସ୍କୃତି ଓ ଲୋକସଂସ୍କୃତିର ମୂଳ ହେଉଛି ଜୀବନ ଜିଇବାରେ ବ୍ୟବହୃତ ଗଢଣ। କୃତି, ଆକୃତି ଓ ପ୍ରକୃତି ହେଉଛି ସଂସ୍କୃତିର ମୂଳଉତ୍ସ , ଯାହା ଯଥାକ୍ରମେ ହେଉଛି ଗଢ଼ଣ, ଆକାର ଓ କାର୍ଯ୍ୟକାରିତା। ଆଦିମ ମଣିଷର ବ୍ୟାବହାରିକ ଜୀବନଧାରା ସହ ଏସବୁ ଘନିଷ୍ଠ ଭାବରେ ସଂଯୁକ୍ତ। ଚଳଣି ବଦଳିଲେ, ସଂସ୍କୃତି ବଦଳେ, ପୁରୁଣା ଅଚଳ ହୁଏ । ପୁରୁଣାକୁ ନ ଲୋଡ଼ିଲେ ପରଂପରା କ୍ରମେ ନିଶ୍ଚିହ୍ନ ହୁଏ।" ଆଜିର ପ୍ରତ୍ୟେକଟି ସଭ୍ୟସମାଜ ନିକଟରେ ଏହା ହେଉଛି ପରଂପରାମାନ୍ୟତା, ପୁରୁଣା ପ୍ରତି ଆନ୍ତରିକତା ପ୍ରଦର୍ଶନ। ସମୟର ପ୍ରବାହ ଓ ପ୍ରଭାବରେ ଆମ ସଂସ୍କୃତି ବହୁଭାବରେ ବଦଳିଛି। ପାରଂପରିକ ଜୀବନ ଚଳଣି ସହିତ ନିବିଡ଼ ଭାବେ ସଂପୃକ୍ତ ଏଇ ଗଢଣଗୁଡ଼ିକ ଆମ ସଂସ୍କୃତିର ମୂଳ ଉତ୍ସ ଏବଂ ପ୍ରତ୍ୟେକଟି ଗଢଣ ବହନ କରେ ଆମ ଅତୀତର ଦୃଢ଼ ସଙ୍କେତ। ଲୋକଉପକରଣ ଓ ଏହାର ବ୍ୟାବହାରିକ ଚଳନ ଯନ୍ତ୍ରଯୁଗରେ ଆମ ପରଂପରାରୁ ଦୂରେଇ ଯିବା ସହିତ ଏଥିରେ ଜଡ଼ିତ ହୋଇଥିବା ଲୋକଚଳଣି ଓ ଶବ୍ଦଗୁଡ଼ିକ ହଜିଯାଉଛି। ହଜି ଯାଉଥିବା ଜିନିଷଗୁଡ଼ିକ ସହିତ ପରପିଢିଙ୍କୁ ପରିଚିତ କରିବା, ଗଢଣ ସଂପର୍କ କରେ ସାଧାରଣ ଧାରଣା ଦେବା ଆବଶ୍ୟକ। ଓଡ଼ିଶା ଏକ କୃଷି ପ୍ରାଧାନ ରାଜ୍ୟ। ଓଡ଼ିଆ କୃଷିଭିତ୍ତିକ ଲୋକଉପକରଣଗୁଡିକ ମଧ୍ୟରେ ଅଖିମୁଠି, ଓଳିଆ, ଖଣତି, ଲଙ୍ଗଳ, ଯୁଆଳି, ମଇ, ବିଦା, ପାଂଚଣ, ଟିପା, ତୁଣ୍ଡି, ତେଣ୍ଡା, ଓଳିଆ, ପାଳଭୁତ, ବାଆଁରା, ମେରିଦାଉଣି, ଯନ୍ତ, ଶଗଡ଼, ସେଢୁଅ, ସେଣା, ହଳ ଇତ୍ୟାଦି ଅନ୍ୟତମ। ଶଗଡ଼ ଏକ ସରଳ, ପାରଂପରିକ ଯାନ ଯାହା ଶତାବ୍ଦୀ ଧରି ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଆସିଛି। ଏହି ପ୍ରବନ୍ଧର ଉଦ୍ଦେଶ୍ୟ ହେଉଛି ଭାରତୀୟ ସମାଜ ଓ ସଂକୃତିରେ ଶଗଡ଼ର ମହତ୍ତ୍ୱ ଏବଂ ଉପଯୋଗିତା ଅନୁସନ୍ଧାନ କରିବା ଓ ଆଜିର ଯୁବ ପିଢିକୁ ଆମର ପୁରାତନ ସଂସ୍କୃତି ସହିତ ପରିଚିତ କରିବା।

**ସୂଚକଶବ୍ଦ:** ଖଣତି, ଲଙ୍ଗଳ, ଯୁଆଳି, ମଇ, ବିଦା, ପାଂଚଣ, ଟିପା, ତୁଣ୍ଡି, ତେଣ୍ଡା, ଓଳିଆ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ ବିଚାର : ଲୋକବାଦ୍ୟ

**ଡକ୍ଟର ସରୋଜିନୀ ପାଣି, ଅଧ୍ୟାପିକା, ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର**

**ସାରାଂଶ:**

ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ପାରମ୍ପରିକ ବୃତ୍ତି ଓ ଏହା ସହିତ ଜଡ଼ିତ ଲୋକୋପକରଣ ଗୁଡ଼ିକ ଜୀବନଜୀବିକାର ମାଧ୍ୟମ ତଥା ଜାତିର ଶିଳ୍ପନୈପୁଣ୍ୟ ଓ ମୌଳିକ ଜ୍ଞାନକୌଶଳ ସହିତ ଜଡ଼ିତ। କୃଷକ, କୁମ୍ଭାର,ତନ୍ତୀ, କର୍ମକାର ଆଦି ବିଭିନ୍ନ ବର୍ଗର ଲୋକେ ନିଜ ନିଜର କୌଳିକ ବୃତ୍ତି କରୁଥିଲେ। ସେମାନଙ୍କ ପାରମ୍ପରିକ ଜୀବନଚଳଣିରେ ସେମାନେ ଅନେକ ଲୋକୋପକରଣ ବ୍ୟବହାର କରୁଥିଲେ। ସେଇ ଉପକରଣ ଗୁଡ଼ିକ ଆଜି ଦେଖାଯାଉନାହିଁ। ସେଗୁଡ଼ିକ ଦର୍ଶାଇବା ଓ ବିଶେଷତ୍ୱ ପ୍ରକାଶ କରିବା ମୋ ନିବନ୍ଧର ଉଦ୍ଦେଶ୍ୟ।

**ସୂଚକ ଶବ୍ଦ :** ତାଳବାଦ୍ୟ, ଫୁଙ୍କବାଦ୍ୟ, ଚମଡାବାଦ୍ୟ, ଘୁଙ୍ଗୁର ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ: ବୃତ୍ତିଗତ ଜୀବନଚଳଣି ବିଚାର

ଦୀପା ନାଥ, ଛାତ୍ରୀ, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

**ସାରାଂଶ:**

ଜୀବନଧାରାକୁ ସ୍ୱଚ୍ଛଳ କରିବାକୁ ମନୁଷ୍ୟ ବିଭିନ୍ନପ୍ରକାରର ବୃତ୍ତି ଏବଂ ତାକୁ ସୁଚାରୁ ରୂପେ ସଂପାଦନ କରିବାର କୌଶଳ ସୃଷ୍ଟି କରିପାରିଛି । ଯେଉଁଥିରେ ବ୍ୟବହୃତ ପ୍ରତ୍ୟେକ ଉପକରଣ ମଧ୍ୟ ତା' ନିଜସ୍ୱ ଚିନ୍ତାଧାରାରୁ ସୃଷ୍ଟି । ଏହି ଚିନ୍ତାଧାରା ପ୍ରାଚୀନ ଲୋକଙ୍କ କଳା, କୌଶଳ ଓ ଦକ୍ଷତାର ପରିଚୟ ବହନ କରିଥାଏ । 'ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ: ବୃତ୍ତିଗତ ଜୀବନଚଳଣି ବିଚାର' ଲୋକଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଥିବା ବୃତ୍ତିସମୂହ ସଂପର୍କରେ ବିଶେଷ ଆଲୋଚନା କରାଯାଇଛି । ଏହାକୁ ରୂପାୟନ କରିବାକୁ ବ୍ୟବହାର କରାଯାଉଥିବା ଉପକରଣଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରାଯିବା ସହିତ ସେ ସବୁ ସଂପର୍କରେ ବହୁ ତଥ୍ୟସଂଗ୍ରହ କରାଯାଇଛି । ସେହି ଉପକରଣଗୁଡ଼ିକର ଆବଶ୍ୟକତା ଓ ବ୍ୟବହାର ପ୍ରଣାଳୀ ସଂପର୍କରେ ବର୍ଣ୍ଣନା ସହିତ ଲୁପ୍ତପ୍ରାୟ ଉପକରଣଗୁଡ଼ିକ କିପରି ଲୋକଜୀବନକୁ ପ୍ରଭାବିତ କରିବା ସହ ନିୟନ୍ତ୍ରଣ କରୁଥିବା ପ୍ରସଙ୍ଗ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯିବ। ।

**ସୂଚକଶବ୍ଦ:** ଲୋକ, ବୃତ୍ତି, ଉପକରଣ, ଜୀବିକା, ଜୀବନଚଳଣି, ଯନ୍ତ୍ର।

❖❖❖

# ଭାରତୀୟ ପାରଂପରିକ ଜ୍ଞାନ ଶୃଙ୍ଖଳା : ଲୁପ୍ତ ପ୍ରାୟ ଉପକରଣ

ଡ଼. ସସ୍ମିତା ନାୟକ, ଅଧ୍ୟାପିକା, ଓଡ଼ିଆ ବିଭାଗ

**ସାରାଂଶ:**

ପ୍ରାଚୀନ ସଭ୍ୟତା ଓ ସଂସ୍କୃତିର ଦେଶଭାରତରେ ପୁରୁଣାପିଢ଼ିର ଜ୍ଞାନ, ଅନୁଭବ ଆଚରଣରେ ପରିବାହିତ ହୋଇ ଆସିଛି, ସେହି ଜ୍ଞାନକୁ ଉତ୍ପନ୍ନ ଏକ ସଂପୂର୍ଣ୍ଣ ଜୀବନ ଦର୍ଶନ । ଭାରତୀୟ ପାରଂପରିକ ଜ୍ଞାନର ଅର୍ଥ ହେଉଛି - କୃଷି ଆୟୁର୍ବେଦ, ଯୋଗ, ବାସ୍ତୁଶାସ୍ତ୍ର, ଜ୍ୟୋତିଷ, ଲୋକ ଚିକିତ୍ସା, ଲୋକଶିଳ୍ପ, ପରିବେଶ ସଂରକ୍ଷଣ ନୀତି - ନୀତିକଥା, ଧାର୍ମିକ ଆଚାରଆଦି ସମ୍ବନ୍ଧୀୟ ଜ୍ଞାନ ଓ ଏହି ଜ୍ଞାନ ମାନବ ଓ ପ୍ରକୃତିର ମଧ୍ୟରେ ସମନ୍ୱୟ ସୃଷ୍ଟି କରିବାକୁ ଶିଖାଏ ।
ଭାରତୀୟ ପାରଂପରିକ ଜ୍ଞାନ ମନୁଷ୍ୟକୁ ସୁସ୍ଥ ଜୀବନଯାପନ, ସହନଶୀଳତା, ନୀତିବୋଧ ଓ ସାମାଜିକ ସଂପର୍କର ମୂଲ୍ୟ ବୁଝାଏ । ଆୟୁର୍ବେଦ ଓ ଯୋଗ ଭଳି ପାରଂପରିକ ଜ୍ଞାନ ଆଜି ସାରା ପୃଥିବୀରେ ଲୋକ ପ୍ରିୟ ହୋଇ ସ୍ୱାସ୍ଥ୍ୟ ସୁରକ୍ଷାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଉଛି ।

ମନୁଷ୍ୟର ଦୈନନ୍ଦିନ ଜୀବନକୁ ସହଜ ଓ ସୁବିଧାଜନକ କରିବାରେ ବ୍ୟବହୃତ ଉପକରଣ ଗୁଡ଼ିକ ହେଉଛି ଲୋକ ଉପକରଣ ଯାହା, ସାଧାରଣତଃ ଲୋକ ଜୀବନର ଆବଶ୍ୟକତାରୁ ଉତ୍ପନ୍ନ ହୋଇଥାଏ ଏବଂ ପିଢ଼ିରୁ ପିଢ଼ିକୁ ଲୋକ ମୁଖେ, ଅଭ୍ୟାସ ଓ ପରଂପରା ମାଧ୍ୟମରେ ପ୍ରଚଳିତ ହୋଇ ଆସିଛି । ଗ୍ରାମୀଣ ଓ ଲୋକ ଜୀବନରେ କୃଷି ଗୃହକାର୍ଯ୍ୟ, ଶିଳ୍ପକଳା, ମାଛଧରା, ଶିକାର, ପଶୁ ପାଳନ ଇତ୍ୟାଦି କ୍ଷେତ୍ରରେ ବ୍ୟବହୃତ ସ୍ଥାନୀୟ ଉପାଦାନରେ ତିଆରି ହୋଇଥିବା ସରଳ କିନ୍ତୁ କାର୍ଯ୍ୟକ୍ଷମ ଉପକରଣ ଗୁଡିକୁ ଲୋକ ଉପକରଣ କୁହାଯାଏ । ଏଗୁଡ଼ିକ ପରିବେଶ - ସହଯୋଗୀ, କମ୍ ଖର୍ଚ୍ଚସାପେକ୍ଷ ଓ ସ୍ଥାନୀୟ ଜ୍ଞାନର ପରିମାପ ।

**ସୂଚକଶବ୍ଦ:** କୁଟା, ମୁସଳ, କାଠ ଚାମଚ, ମାଟିହାଣ୍ଡି ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ଲୋକସଙ୍ଗୀତ ଭିତ୍ତିକ ଆଲୋଚନା

**ରାଜେନ୍ଦ୍ର କୁମାର ଭଇ, ଛାତ୍ର, ଶାନ୍ତିନିକେତନ**

**ସାରାଂଶ:**

ଓଡ଼ିଶାର ଲୋକସଙ୍ଗୀତ ପାଇଁ ଅନେକ ପ୍ରକାରର ଲୋକବାଦ୍ୟ ବ୍ୟବହାର କରାଯାଏ। ବିଶେଷତଃ ଲୋକବାଦ୍ୟ ଗୁଡ଼ିକ ପ୍ରସ୍ତୁତିରେ ବିଭିନ୍ନ ଲୋକାଉପକରଣ ବ୍ୟବହୃତ ହୋଇଥାଏ। ଏଠାରେ କେତେକ ଲୋକବାଦ୍ୟ ଓ ସେଗୁଡ଼ିକର ବ୍ୟବହାର ସଂପର୍କରେ ଆଲୋଚନା ରଖାଯିବ। ଡାଲଖାଇ, ରସରକେଲି, ପାଲା, ଦାସକାଠିଆ, ଭଳି ଗୀତ ପଶ୍ଚିମ ଓ ଉପକୂଳବର୍ତ୍ତୀ ଅଂଚଳରେ ଲୋକପ୍ରିୟ। ଏଥିରେ ବ୍ୟବହୃତ ଲୋକ ଉପକରଣ ଗୁଡ଼ିକ ମଧ୍ୟରେ ଢୋଲ, ଢ଼ୋଲକ, ମୃଦଙ୍ଗ, ଚାଙ୍ଗୁ, ନିଶାନ ମହୁରୀ, ଖଞ୍ଜଣି , ଦାସକାଠିଆ, କରତାଳ ଏବଂ ବଂଶୀ ଇତ୍ୟାଦିମୁଖ୍ୟ ଲୋକବାଦ୍ୟ ଭାବରେ ବ୍ୟବହୃତ ହୋଇଥାଏ। ପ୍ରବନ୍ଧରେ ଲୋକସଙ୍ଗୀତ ଓ ଲୋକଗୀତରେ ବ୍ୟବହୃତ ହେଉଥିବା ବିଭିନ୍ନ ପାରଂପାରିକ ଲୋକବାଦ୍ୟ ସଂପର୍କରେ ତଥ୍ୟ ଉପସ୍ଥାପନ କରାଯିବ।

**ସୂଚକଶବ୍ଦ:** ଝାଞ୍ଜ, ଖଞ୍ଜଣି, ମର୍ଦ୍ଦଳ, ଗିନି, ଘୁଙ୍ଗୁର, ଢୋଲ, ଢ଼ୋଲକ, ମୃଦଙ୍ଗ, ଚାଙ୍ଗୁ ।

❖❖❖

# ଓଡ଼ିଶାର ଝୋଟିଚିତା ଓ ଲୁପ୍ତପ୍ରାୟ ଲୋକଉପକରଣ ଆଲୋଚନା

**ଅର୍ଚ୍ଚନା ମହାପାତ୍ର, ଗବେଷିକା, ଗୀତାଭବନ, କାଳିନ୍ଦୀରୋଡ୍, କଲିକତା**

**ସାରାଂଶ:**

ଓଡ଼ିଶାର ପାରମ୍ପରିକ ଚିତ୍ରକଳା ବିଭିନ୍ନ ପର୍ବପର୍ବାଣି ଓ ଲୋକୋତ୍ସବ ସହିତ ଜଡ଼ିତ। ଧାର୍ମିକ ଆସ୍ଥା ଓ ସୌନ୍ଦର୍ଯ୍ୟବୋଧରୁ ଏହାର ସୃଷ୍ଟି। ପଟ୍ଟଚିତ୍ର, ଝୋଟିଚିତ୍ର ସହିତ ବିଭିନ୍ନ ଜନଜାତିର ଚିତ୍ର ବେଶ ଶୋଭାବନ୍ତ ଖୋଯାଏ। ବିଶେଷ କରି ଏହା ନାରୀମାନଙ୍କ ସର୍ଜନ କର୍ମ ହେତୁ ସମ୍ଭବ ହୋଇଥାଏ। ଉତ୍ସବ ଗୁଡ଼ିକୁ ବିଭିନ୍ନ ପ୍ରକାରର ଚିତା ଅତି ଆକର୍ଷଣୀୟ କରି ଗଢ଼ିତୋଳେ। ଚିତା ପକାଇବା ବେଳେ ଓଡ଼ିଆଣୀ ବିଭିନ୍ନ ପ୍ରକାରର ରଙ୍ଗ ବ୍ୟବହାର କରିଥାନ୍ତି । ଲୁପ୍ତପ୍ରାୟ ଅନେକ ଲୋକୋପକରଣ ଚିତା ପକାଇବା କାଳରେ ବ୍ୟବହୃତ ହୋଇଥାଏ।

**ସୂଚକଶବ୍ଦ :** ଝୋଟି, ଚିତା, ମୁରୁଜ, ଛାଞ୍ଚ, ରଙ୍ଗ।

❖❖❖

# ଭାରତୀୟ ପାରଂପରିକ ଜ୍ଞାନ ଶୃଙ୍ଖଳା : ଲୁପ୍ତପ୍ରାୟ ଲୋକଉପକରଣ

ଡକ୍ଟର ପ୍ରଭୁଚରଣ ମହାନ୍ତି, ଶିକ୍ଷାବିତ୍

**ସାରାଂଶ:**

ପ୍ରାଚୀନ କାଳରୁ ଆମ ପୂର୍ବ ପୁରୁଷମାନେ ଜୀବନ ଓ ଜୀବିକା ସଂସାରର ପାଇଁ ଅନେକ ଲୋକୋପକରଣର ଉଦ୍ଭାବନ ଓ ବିକାଶ ସାଧନ କରିଥିଲେ। ଏଗୁଡିକ ସମକାଳୀନ ଗ୍ରାମ୍ୟ ଅର୍ଥନୀତିର ସଂଚାଳନ କ୍ଷେତ୍ରରେ ମେରୁଦଣ୍ଡ ସଦୃଶ କାର୍ଯ୍ୟ କରୁଥିଲା। ଲୁହା ଲେଖନୀଠାରୁ ଆରମ୍ଭ କରି ଢିଙ୍କି, ଲଙ୍ଗଳ ଓ ବିଭିନ୍ନ ଲୋକବାଦ୍ୟ ପର୍ଯ୍ୟନ୍ତ, ପ୍ରତ୍ୟେକ ବସ୍ତୁ ଆମର ଜୀବନ-ଜୀବିକା, ସାମାଜିକ ରୀତିନୀତି ଏବଂ ଧାର୍ମିକ ବିଶ୍ୱାସ ସହ ଗଭୀର ଭାବେ ଜଡ଼ିତ। ଆଜିର ଯାନ୍ତ୍ରିକ ଯୁଗରେ ଏହି ସାମଗ୍ରୀଗୁଡ଼ିକ ଧୀରେ ଧୀରେ ଲୁପ୍ତପ୍ରାୟ ହେବାକୁ ବସିଥିବା ବେଳେ, ଏହାର ସଂରକ୍ଷଣ କେବଳ ସାମାଜିକ ଦାୟିତ୍ୱ ନୁହେଁ, ବରଂ ଆମର ସାଂସ୍କୃତିକ ଅସ୍ମିତା ବଞ୍ଚାଇ ରଖିବା ଦିଗରେ ଏକ ପ୍ରୟାସ। ସଂକ୍ଷିପ୍ତ ଆଲେଖ୍ୟରେ ସେ ସମ୍ବନ୍ଧରେ କିଂଚିତ ଆଲୋକପାତ କରାଯିବ।

**ସୂଚକଶବ୍ଦ :** ଲଙ୍ଗଳ, କୁଲା, ଢ଼ିଙ୍କି , ଚାନ୍ଦୁଆ, ଶିଳ-ଶିଳପୁଆ ।

❖❖❖

# ନବରଙ୍ଗପୁରଲୋକଜୀବନରଭାଷା ଓ ଲୁପ୍ତ ପ୍ରାୟଲୋକଉପକରଣ

ଡ. ବାସନ୍ତୀ ମହାନ୍ତି, ପ୍ରାକ୍ତନ ପ୍ରାଧ୍ୟାପିକା, ଓଡ଼ିଆ ବିଭାଗ

**ସାରାଂଶ:**

ବଣ, ଜଙ୍ଗଲ, ପାହାଡ଼, ପର୍ବତ, ଜନଜାତି ମାନଙ୍କର ଆଉ ଜୀବନ ଜୀବିକାର ପୀଠସ୍ଥଳ ହୋଇନାହିଁ। ସେମାନଙ୍କର ସନ୍ତାନମାନେ ମଧ୍ୟ ପାଠପଢ଼ି ଚାକିରିକରି ଜନପଦ ସଭ୍ୟତା ଆପଣେଇଲେଣି। ଖାଦ୍ୟ ପ୍ରସଙ୍ଗରେ ମଧ୍ୟ ସେହିପରି ଆଉ ପାରମ୍ପରିକଖାଦ୍ୟ ମାଣ୍ଡିଆ, ଜନା, ମକା, କାନ୍ଦୁଲ, କାଙ୍ଗୁ, ଡଙ୍ଗରରାଣୀ, କୋଳଥ, କଟିଂ ଆଦି ଦୁଷ୍ପ୍ରାପ୍ୟ ହେଲାଣି। ମାଣ୍ଡିଆପେଜ, ଆମ୍ଟୋ, ମାଣ୍ଡିଆ, ତମ୍ପା, ଗିଲ (ଗେଣ୍ଡା), ତୁରୁଞ୍ଜାମାଛ, ସୁକ୍ସିଖାଉ ନାହାନ୍ତି। ଏବେ ଆଧୁନିକ ଜୀବନଶୈଳୀ ସହ ଏକାତ୍ମହେବା ପରେ ଖାଦ୍ୟ ଓ ବାସଗୃହ ମଧ୍ୟ ପରିବର୍ତ୍ତିତ ହୋଇଯାଇଛି, ଫଳରେ ଅନେକ ଉପକରଣ ଅକାମୀ ହେବାସହ ସେହି ଶବ୍ଦଗୁଡ଼ିକ ମଧ୍ୟ ଅବଲୁପ୍ତ ହୋଇଯାଉଛି।

**ସୂଚକଶବ୍ଦ :** ମାଣ୍ଡିଆପେଜ, ଆମ୍ଟୋ, ମାଣ୍ଡିଆ, ତମ୍ପା, ଗିଲ।

❖❖❖

# ଓଡ଼ିଶାର ଲୁପ୍ତପ୍ରାୟ ଲୋକଉପକରଣ : ବର୍ତ୍ତିଗତ ଜୀବନୀ ଚଳନି ବିଚାର

**ଡ. ଚିତ୍ତରଞ୍ଜନ ବେହେରା, ଯଶୋଧାରା, ପ୍ଲଟ ନଂ- ୬୫୧/୩୫୧୫, ଶିଶୁଆ, ବେଣ୍ଟକାର, କଟକ**

**ସାରାଂଶ:**

ସଂସ୍କୃତି କ୍ରମ ପରିବର୍ତ୍ତନଶୀଳ ବିଚିତ୍ର ସଂରଚନା ସଭ୍ୟତାରେ ବିକାଶରେ ଏହାର ରୂପ ବଦଳେ। ଲୋକ ସଂସ୍କୃତି ଆମକୁ ଅନେକ ଶିକ୍ଷାଦେବା ସହିତ ଜୀବନକୁ ଗତିଶୀଳ କରାଇଥାଏ। ଏଥିରେ ଜୀବନର ସମସ୍ତ ନିର୍ଯ୍ୟାସ ଭରି ରହିଥାଏ। ଅକୃତ୍ରିମ ଓ ସରଳ ପ୍ରକାଶକଳା ଏହାର ଦୀପ୍ତି ଓ ଦ୍ୟୁତି ଲୋକସଂସ୍କୃତି ଧାରାରେ ବିଭିନ୍ନ ଉପକରଣ ଆମ ଜୀବନବୃତ୍ତି ସହିତ ଜଡ଼ିତ। ତହିଁରେ ଆମର ଅନ୍ତରଆତ୍ମା ସ୍ପନ୍ଦିତ ଓ ଅନେକ ଦିଗରୁ ନିବିଡ଼ ହୋଇଯାଇଛି, ତାହା କ୍ରମବିସ୍ମୃତ ହୋଇଛି। ଲୁପ୍ତ ପ୍ରାୟ ସେହି ଉପକରଣ ଗୁଡ଼ିକ ସହିତ ଆମର ଜୀବନଧାରା ସମ୍ପୃକ୍ତ। ଏହି ଆଧାରରେ ମୋ ପ୍ରବନ୍ଧ ଆଲୋଚିତ ହେବ।

**ସୂଚକଶବ୍ଦ :** ଲୋକ ସଂସ୍କୃତି, ଜୀବନଧାରା, ଓଳିଆ, ଯନ୍ତ, ବଟୁଆ।

❖❖❖

# An Eco Critical Analysis of Preserving the Traditional Knowledge on Folk Medicines

**Dr. Upama Behera**

Asst. Professor of English, S.C.S. Autonomous College, Puri, Odisha.

**Abstract :**

The study aims to highlight that preserving traditional knowledge on folk medicines is very important for conserving biodiversity, cultural identity, and sustainable healthcare. Folk medicine is a part of folklore. It refers to the traditional beliefs and practices for healing various diseases of human beings through home remedies, herbal treatments and various techniques rooted in cultural traditions. This traditional knowledge system usually passes through orally within families or communities. People of rural and underserved areas primarily rely on folk medicines such as Neem, Garlic, Turmeric, Nut Grass for their affordability and local availability. The study unearths that these valuable folk medicines are on the verge of extinction as this knowledge system is transmitted orally. It explores that these medicines are also at high risk as younger generations move away from traditional lifestyles .The study is a significant one as it emphasizes the integration of traditional medicine into national healthcare systems. The research by shedding light on the significance of preserving folk medicines inspires discussion on how environment and human beings are co related with each other and thus, contributes to fostering scientific documentation and intellectual property rights of these traditional home remedies for achieving sustainable development.

**Keywords :** Herbal, Folk Medicines, Biodiversity, Holistic Development, Extinction

❖❖❖

# The Growing Distance of Feminine Folk from Festivals: A Study of Disappearing Kandana Gita

**Sasmita Pramanik**
Assistant Professor of English, S.C.S. Autonomous College, Puri

**Abstract:**

Feminine folk songs have long been an integral part of cultural festivals, carrying women's stories, emotions, and everyday struggles from one generation to the next. Sung during rituals, seasonal gatherings, and community celebrations, these songs once gave women a shared space to be heard and understood. At every festival in Odisha, be it Kumara Purnima, Raja, or even weddings, special songs are sung to celebrate the occasion. Among all of them, the Kandana Gita, the songs a girl sings while leaving her parental home, are unique in more ways than one.

But with the passage of time, these songs are fast disappearing in a world madly chasing the glamour and glitter of social media. Along with changing social values and the weakening of oral traditions, this shift has pushed many feminine folk songs to the margins. As a result, women's cultural voices risk being overlooked, and these songs risk disappearing altogether. This paper examines why this distance has grown, with special reference to Kandana Gita, and what it means for cultural memory, highlighting the importance of preserving feminine folk songs and reintegrating them into festivals as living expressions of heritage and social history.

**Keywords :** Culture, Heritage, Kandana Gita, Festival, Memory, Rituals, Preservation

❖ ❖ ❖

# Mishrasala: A Living Museum of Crystallised Wisdom

**Smruti Ranjan Mohanty**
**India**

**Abstract:**

One hardly lives in the present; he dwells either in the past or in the future. The beauty of the past gently soothes him, while the lure of the future makes the present bearable and keeps him moving, dreaming of a time still hidden beyond the distant horizon. When life becomes monotonous, devoid of grace and grandeur, one turns to the past to bask under the golden sun, to breathe once again the ambience of the place where he was born and brought up.

The memories of childhood begin to dance before his eyes. He travels back to those unforgettable days when life was nothing short of paradise. The faces of father, mother, and near and dear ones crowd his heart, and he loses himself in the tender beauty of bygone years. Whenever he comes across an object that belonged to his childhood, he is transported to a different world where the present moment momentarily fades away.

There lies the importance of a bullock cart, a nautumba, or a nagamedha. They are symbols of our rich cultural heritage—the silent companions of our childhood—bearing testimony to how scientific, practical, and innovative our forefathers were. Without the past, the present has no foundation; it floats in a vacuum.

It is our duty and moral obligation to preserve our traditions and cultural artifacts and hand them over to the next generation so that they may remain connected with their glorious roots.

Here lies the relevance and importance of Mishrasala, where the vision and dedication of Dr. Ajaya Mishra have recreated fragments of our past by giving a renewed life to traditional implements. Through careful crafting and preservation, he has ensured that future generations may not merely read about their heritage in books, but see it, touch it, and feel its living presence — and perhaps, in doing so, rediscover a part of themselves.

**Keywords:** Bullock cat, Nautumba, Nagamedha, Tradition, Artifacts.

❖ ❖ ❖

# Echoes of the Nath Sampradaya: The Lost Songs With The Kenedera

**Dr. Dharanidhar Nath**

**Former President, Board of Secondary Education, Odisha**

**Abstracts:**

The cultural heritage of Odisha is deeply rooted in its traditions, folk songs serving as an essential medium for transmitting history, social customs and beliefs across generations. The NathSampradaya, a small but important and highly respected sect in Odisha even to-day have been acclaimed as the un official moral preceptors of rural Odisha. Naths move from village to village singing epic tales ballads, bhajans rich with moral and spiritual lore, regional dialects, metaphors to the tune of one one stringed KENDARA, the vanishing musical instrument. These songs on Gobinda Chandra ,Mruguninara Stuti, Baula cow, Laxmipuran, Satyaban Sabitre, Harischandra etc. form an integral part of the nation's intangible cultural heritage. The visit of a Nath to a village singing Tika Gobinda Chandra with the musical instrument Kendara is an unforgettable event and leaves a deep

nostalgic impression in the psychology of all the adults who find themselves wrenched away from rural environs of their childhood days. They spread the message of humanity and brotherhood, social cohesion and spiritual devotion making the villagers an essential part of Odia identity.

This study examines the challenges faced in preserving the centuries old oral traditions and the musical instrument Kendara amidst globalization modernization and declining patronage which have put these traditions of NathSampradaya at risk. The gradual disappearance of nath folk songs, commercialization of Kendara music and diminishing interest among younger generations are also highlighted. This research underscores the urgentt need to document, revive and celebrate Kendara music and songs as a means of safe guarding Odishas' intangible cultural heritage.

**Keywords:** Nath cult, Kendera, Disappearance, Commercialization.

❖ ❖ ❖

## Vanishing Tradition: An Evaluation from Social Perspective

**Dr. Binodini Tripathy, Asst. Proff., ETC Dept., KIIT Polytechnic, KIIT Deemed to be University**

**Abstract:**

There has been gradual crumbling of traditions and values. Deep social changes shaped by modernisation and urbanisation affect the value systems at large. Traditions, once working as cementing factors and guiding frameworks, have lost their shine. As lifestyles become faster and more individual centric, many customs are viewed as inconvenient or outdated rather than meaningful. The influence of digital culture and global norms has further weakened local practices, often replacing shared rituals with virtual interactions. Such losses affect social cohesion. It is an admitted fact that traditions foster respect, collective responsibility, and a sense of belonging. Elders, once held in high esteem and as I custodians of cultural memory, now find fewer opportunities to pass on knowledge, creating a widening generational gap. However, the disappearance of traditions is not merely a loss, it also brings wider repercussions. Societies must evaluate which practices remain relevant and which need reinterpretation. Preserving traditions in adaptable forms can balance progress with identity. It can ensure that cultural roots continue to nourish social values in a changing world.

**Key words:**Traditions,modernisation,urbanisation,digital culture,cultural roots.

❖ ❖ ❖

# Animal Mask Dance of Odisha, India

**Prasana Kumar Dash, Researcher of Indian Folk Culture**

**Abstract:**

Animal mask dance (Pashumukha Nrutya or Baagha Naacha) is a sublime dance form in the cultural tapestry of Odisha, a state in eastern India. It is often called as giant puppet dance because of the size of the mask. This dance is confined to the district of Ganjam, bordering the state of Andhra Pradesh.

Pashumukha Nrutya reflects the simplicity of tribal people and their imagination of the animal kingdom. Predators like tigers and lions assume the role of a protector, converting the awe and fear of the animals into a strange alliance with them. The movement of the animals in the dance arouses feelings, that reflect the reality in the animal kingdom. Synchronising the steps of the animals with the rhythm of the instrumental music connects man reflexively and often comically with the animals. The dance is based on folklore, and often mythological narratives, which portray various emotions. It is a living tradition, entrenched in rituals and it continues as a theatrical performance.

**Key words:** Mask, Pashumukha Nrutya, Folklore

❖ ❖ ❖

# Nutri-Psycho Benefits of Odisha's Folk Kitchen Tools vs Modern Appliances

**Mrs.Prachiprava Kar, HOD Zoology, A.S.College, Tirtol**

**Abstract:**

In terms of nutrient retention, physical fitness, and mental health, Odisha's endangered folk tools—Dhinki mortars, Kutni pestles, and Dhunkel pots—embody IKS better than contemporary grinders. This multidisciplinary research investigation (n = 200 coastal households) used biomechanical analysis (EMG/calorimetry) and nutritional assays (AOAC) to compare ten tools with electric appliances. Manual pounding burned 350 kcal per session compared to sedentary mixing; mindful rituals decreased cooking stress by 35%; stone/wooden grinding retained 42% more iron and folate. As lifestyle diseases rise, youth disuse poses a threat to IKS. Holistic health revival is provided by folk tools. Future studies include curriculum integration and longitudinal RCTs on metabolic markers.

**Keywords:** Folk kitchen tools, nutrient retention, mindful cooking, Odisha IKS, psychophysical health

❖ ❖ ❖

# Development and use of instruments reflect cultural intelligence, resilience, and growth

**Nilamadhab Kar, MD, DPM, DNB, FRCPsych, Consultant Psychiatrist**
**and College Tutor, Black Country Healthcare NHS Foundation Trust, Wolverhampton, UK;**
**Honorary Professor of Psychiatry, University of Wolverhampton, UK;**
**Honorary Professor, Faculty of Contemplative and Behavioural Sciences,**
**Sri Sri University, India;**

**Abstract:**

Instruments are the testament to human intelligence, growth, and survival. While modern life is unimaginable without instruments, it is interesting to study their growth through the ages, to understand the process of human innovation in the face of challenges from daily living to survival in the wild, climate-related disasters, illness, etc. Instruments are not only important from a scientific point of view; they also hold massive sociocultural significance to communities. They have been associated with societal and religious identities, which are held with convictions and high emotional values. These have also helped communities during adverse periods to cope and surpass. The systematic study of specific instruments used by communities and their development may support a greater understanding of human growth.

**Keywords:** Culture, Instrument, Intelligence, Growth, Resilience

❖ ❖ ❖

# Traditional House hold Articles and it's Economic Impact

**Ashutosh Dash, Former Banker**

**Abstract:**

This study explores the preservation and revitalization of Odisha's **Indian Traditional Knowledge System (TKS)** through the lens of "Mishra Saala," a unique collection of over 180 miniature folk tools and household articles—such as the *Sagada*, *Tenda*, and *Palinki*—crafted by Dr. Ajaya Kumar Mishra. Historically, these artifacts were central to Odishan households but have increasingly faded from public memory. The research highlights the **multidimensional benefits** of reintegrating these traditional items into modern life, noting their superior durability, eco-friendly sustainability, cost-effectiveness, and health-promoting properties compared to modern synthetic alternatives.

Furthermore, the study examines the **socio-economic potential** of these endangered folk tools. By transitioning these miniature crafts into commercial production, there is a significant opportunity to support the **livelihoods of Odisha's youth** through income generation and the support of local artisans. This digital and physical preservation serves as a critical bridge between Odisha's historical "service-oriented" craftsmanship and the modern "glocalisation" of regional identity. Ultimately, the paper argues that incorporating these traditional elements into today's financial and social setup is essential for reducing waste, supporting local economies, and ensuring that the next generation remains connected to their cultural heritage.

**Keywords:** Mishrashala, Endangered Folk Tools, Ethno-Livelihood, Socio-Cultural Preservation, Eco-Friendly Sustainability.

❖ ❖ ❖

## Odia OTT & Folk Tools: Digital Preservation vs. Youth Cultural Erasure

**Sambit Mishra, Research Scholar, Birla Global University**
**Dr.Gyanaranjan Mishra, Assistant Professor, Birla Global University**

**Abstract:**

Odisha's Traditional Knowledge System (TKS) is embedded in its "folk tools"—physical artifacts like the *Kandhei* (puppets), *Dhumpa* (musical bamboo), and agricultural implements—which are currently at risk of extinction. Simultaneously, Odisha has seen a surge in hyper-local OTT platforms (e.g., Kanchalanka, AAO NXT, Tarang Plus). This study investigates whether these digital platforms act as "virtual museums" that preserve the memory of endangered folk tools or if their commercialized content further alienates the youth from physical traditional practices. Through a mixed-methods approach involving 400 Odia youths (aged 18–30), the research analyzes consumption patterns and the resulting cognitive impact on cultural identity. Preliminary findings suggest a "digital nostalgia" where youth recognize tools on-screen but lack the tactile knowledge or interest to sustain their physical usage.

**Keywords:** Indian Knowledge System , Endangered Folk Tools, Odia OTT Platforms, Digital Heritage Preservation, Youth Consumption Behavior, Odisha Cultural Identity

❖ ❖ ❖

# Endangered Folk Instruments of Odisha and Its Economic Consequences

**Debendra Nath Rout, Educationist, Columnist and Language Activist**
**Chairman, The Intellects, New Delhi**

**Abstract:**

Odisha, a culturally rich state of Eastern India, has a vibrant tradition of folk music and instruments that embody the soul of its people. However, the rapid transformation of society through modernization, globalization, and changing cultural values has led to the endangerment of many traditional musical instruments. These instruments are not merely tools for sound production but are repositories of history, identity, and collective memory. The decline in their use adversely impacts not only cultural heritage but also the livelihoods of artisans and performing communities dependent on them. This paper examines the endangered folk instruments of Odisha, the reasons behind their decline, and the economic consequences tied to this cultural erosion. It concludes with suggestions for preserving this invaluable heritage through policy, education, and sustainable economic incentives.

**Keywords:** Modernization, Globalization, Endangerment, Instruments.

❖ ❖ ❖

# Military history of odisha from ancient period to the british rule: strategies, weapons and battle arrays – some reflections.

**Dr. Harihar Panda, Former Professor of History, NDA, Pune & Member, ICHR, New Delhi**

**Abstract:**

Two great epics of India – the Ramayana and Mahabharata provide clues regarding the arrays, weapons and strategies used in war. India, from ancient period to the British rule, witnessed many battles fought on its soil. Odisha was not an exception to it. From the noted Kalinga war of 261 BCE till the British occupation and after, Odisha witnessed many battles and during medieval period, the indomitable Odia Paiks fought bravely many battles against the outside aggressors. Sarala Dasa's Odia Mahabharata, Godabara Mishra's Harihara Chaturanga and other war literature bring into forefront the weapons like Khanda, Dhala, Dhanu, Tira (Kshura, Gopuchha, Bhalimukha, Judaguali) etc. As per description, the Paiks looked ferocious by smearing kaimati and black strips on their body. They boarded Ranapa, looked taller and marched ahead thereby creating fear psychosis in the mind of the enemy. They formed part of the Aguani Sena (advanced army). Similarly, there were Pachhuani sena, Majhiani sena etc. which formed part of Odia militia. Different tiles like Pattnayak, Bahubalendra, Uttara Kabata, Dakshina Kabata etc. denote the presence of these ranks in the military service. The legacy of Odisha's military glory still exists in the nook and corner of this land.

**Keywords:** Aguani Sena, Dakhina Kabat, Uttar Kabata, Dhanu, Khanda.

❖ ❖ ❖

# Reconstructing Cultural Memories through Replicas

**Dr. Chittaranjan Misra, Retired Associate Professor, Dept. of English**

**Abstract:**

Making replicas is not only a manifestation of the human urge to imitate but a conscious attempt at preserving disappearing cultural objects. Any cultural material - be it a house-hold utensil or a musical instrument -connects us with collective life. But such objects that belong to past generations contain life-worlds that we usually ignore as obsolete and, in the process, they are lost into oblivion. A historian or an anthropologist tries to recover them and searches for their significance while reconstructing the pictures and perspective of past worlds. The artists and poets draw inspiration from those objects for their creativity. The world we live in today has rapidly been transformed through technology. If we observe our collective life of the last fifty years, we can understand how fast the diversities of indigenous cultures that constructed life styles in our country have been eroded. Through colonization Western modernities affected our behavioral transactions and now through globalization local cultures are facing erasure. Against this backdrop our heritage sites, sculpture, ruins and remnants of architecture remind us regarding the lost dimensions of our cultures. Museumization cannot do justice to the recovery of referents and reclaiming of identity unless we relate the exhibits to their original, active contexts. Replicas recompense the gaps since they are miniatures and portable. Since the making of miniatures does not involve massive investment and mega infrastructure, dedicated individuals can work in this direction which can be categorized as small scale manufacturing ventures or artistic pursuit. The reproduction of details in the replicas of old utensils, tools, furniture and decorative objects worn on the body evoke racial memories and cultural roots. While our life is defined by mass produced commodities the handmade replicas restore to us our cultural memories and the associated values of our predecessors. The paper attempts to appreciate the relevance of replicas as a medium of reconstructing cultural memories with reference to certain cultural objects produced by Dr. Ajaya Mishra and preserved in his 'Mishrashala'.

**Keywords:** Globalization, Colonization, Remnants, Miniatures.

❖❖❖

# The Handicrafts Scenario of Odisha and the Mishrasala Model– An Issue of Viability

**Nihar Ranjan Satpathy, Editor, Sahityacharcha**

**Abstracts:**

Odisha is a power-house of traditional handicrafts. It spans from centuries old traditional artifacts to various modern experimentations in the field. Collectively we may refer to them as the handicrafts industry of Odisha. In this context, the Mishrasala founded by Dr. Ajaya Kumar Mishra has carved a niche in the handicrafts scenario of our state. It began with a missionary zeal, which was to preserve the rapidly vanishing rural artifacts of Odisha by producing miniature models of various traditional rural items such as 'dhinki', 'sagada' and 'sabari' for the purpose of exhibiting them to create awareness among the new generation of Odias. As the project registered progress with the painstaking efforts of Dr. Mishra, an issue of viability came to the fore, encompassing its managerial, technical and financial aspects. This has led to an option to run it as commercial lines. When we explore the viability of the Misrashala project, it cannot be visualized independent of the overall handicrafts scenario in the state. The handicrafts sector makes a miniscule contribution to the economy of the state. The government agencies such as the Handlooms and Handicrafts department of the Govt of Odisha, the Odisha State Co-operative Handicrafts Corpoarion and various such other agencies play a vital role in development and marketing of different kinds of handicrafts and in the process providing the necessary infrastructure for its sustenance.

In this study we will take up an integrated view of the micro unit of Mishrasala on the one side, and the corresponding macro scenario at the state level, on the other. Our objective is to suggest a roadmap for successful journey of Mishrashala in the times to come.

**Keywords:** Handicrafts, Artifacts, Miniature, Miniscule, Traditional

❖ ❖ ❖